Bhubaneswar, Sunday, September 13, 2026
ଭୁବନେଶ୍ୱର, ରବିବାର,ସେପ୍ଟେମ୍ବର ୧୩, ୨୦୨୬
Vol-01, Issue-132
ବର୍ଷ-୦୧, ସଂଖ୍ୟା -୧୩୨

# ପ୍ରତିଶବ୍ଦ
THE PRATISHABDA

www.pratishabda.com
Email : pratishabda7@gmail.com
Also Available In : YouTube

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

# ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ: ବିଶେଷାଧିକାରରୁ ସହଭାଗିତା ଆଡ଼କୁ ବିଶ୍ୱକୁ ନେବାକୁ ହେବ

ନୂଆଦିଲ୍ଲୀ, ୧୨/୯ (ପିଆଇବି): ଭାରତରେ ଆୟୋଜିତ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସର ଭବିଷ୍ୟତ ଦିଗ, ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଏବଂ ବିକାଶଶୀଳ ଦେଶଗୁଡ଼ିକର ଅଧିକ ଭାଗିଦାରୀ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଲୋକକୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ଉପରେ ଆଧାରିତ ବୋଲି ସେ କହିବା ସହ ସହନଶୀଳତା, ନବସୃଜନ, ସହଯୋଗ ଏବଂ ସ୍ଥିରତାକୁ ଭାରତ ପ୍ରାଥମିକତା ଦେଇଆସିଛି ବୋଲି ପ୍ରକାଶ କରିଛନ୍ତି। ବ୍ରିକ୍ସ ସହଯୋଗକୁ ସାଧାରଣ ଲୋକଙ୍କ ଜୀବନ ସହ ଯୋଡ଼ିବା ପାଇଁ ଭାରତରେ ସାଢେ ତିନି ଶହରୁ ଅଧିକ ବୈଠକ ଆୟୋଜନ କରାଯାଇଥିବା ଏବଂ ପ୍ରାୟ ତିରିଶଟି ସହରରେ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିମାନଙ୍କୁ ସ୍ୱାଗତ କରାଯାଇଥିବା ସେ କହିଛନ୍ତି। ଏହି ସମ୍ମିଳନୀ ବ୍ରିକ୍ସର ବିଂଶତମ ବାର୍ଷିକୀର ଏକ ଐତିହାସିକ ମୁହୂର୍ତ୍ତ ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମାନବ ଜୀବନରେ କୋଡ଼ିଏ ବର୍ଷ ପରିପକ୍ୱତା ଓ ଦାୟିତ୍ୱବୋଧର ଏକ ନୂଆ ପର୍ଯ୍ୟାୟର ସୂଚନା ଦେଇଥାଏ ଏବଂ ବ୍ରିକ୍ସ ମଧ୍ୟ ଆଜି ସେହି ପରିପକ୍ୱତାର ଏକ ନୂଆ ପର୍ଯ୍ୟାୟରେ ପହଞ୍ଚିଛି। ବିଗତ କୋଡ଼ିଏ ବର୍ଷରେ ବ୍ରିକ୍ସ ବିଶ୍ୱ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିପାରିଛି ଏବଂ ପରସ୍ପରର ଦୃଷ୍ଟିକୋଣକୁ ସମ୍ମାନ ଦେଇ ସର୍ବସମ୍ମତିରେ ଆଗକୁ ବଢ଼ିବାର ଦୃଷ୍ଟିକୋଣ ଗଢ଼ିଛି ବୋଲି ସେ କହିଛନ୍ତି। ବ୍ରିକ୍ସ କୌଣସି ଦେଶ ବିରୋଧରେ ନୁହେଁ, ବରଂ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଚିନ୍ତାଧାରା ଉପରେ ଆଧାରିତ ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ବ୍ରିକ୍ସର ଏକତା ଓ ସହମତିକୁ ବିଶ୍ୱ ମଞ୍ଚରେ ଦୃଶ୍ୟମାନ ପରିଣାମରେ ପରିଣତ କରିବାର ସମୟ ଆସିଛି ବୋଲି ସେ କହିବା ସହ ଆଗାମୀ କୋଡ଼ିଏ ବର୍ଷ ପାଇଁ ଏକ ନୂଆ ଓ ଆକାଂକ୍ଷୀ କାର୍ଯ୍ୟସୂଚୀ ଉପରେ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ବ୍ରିକ୍ସର ଅଧ୍ୟକ୍ଷତା ପ୍ରତିବର୍ଷ ବଦଳୁଥିବାରୁ ଏହାର କାର୍ଯ୍ୟକ୍ରମରେ ନିରନ୍ତରତା ଯେପରି ବଜାୟ ରହିବ ସେଥିପାଇଁ ଏକ ନିରନ୍ତରତା ଓ ରୂପାୟଣ ବ୍ୟବସ୍ଥା ଗଠନର ପ୍ରସ୍ତାବ ସେ ରଖିଛନ୍ତି। ତିନି ଦେଶର ସମନ୍ୱୟ ବ୍ୟବସ୍ଥା ମାଧ୍ୟମରେ ପୂର୍ବ ନିଷ୍ପତ୍ତି, ପଦକ୍ଷେପ ଓ ପରିଣାମର ଅନୁସରଣ ନିଶ୍ଚିତ କରାଯାଇପାରିବ ବୋଲି ସେ କହିଛନ୍ତି। ଏଥିପାଇଁ ଏକ ସୁରକ୍ଷିତ ଡିଜିଟାଲ ଭଣ୍ଡାର ଗଠନ କରି ପ୍ରତ୍ୟେକ ନିଷ୍ପତ୍ତି ସହ ଦାୟିତ୍ୱପ୍ରାପ୍ତ କର୍ତ୍ତୃପକ୍ଷ, ସମୟସୀମା ଓ କାର୍ଯ୍ୟାନ୍ୱୟନର ସ୍ଥିତି ଲିପିବଦ୍ଧ କରାଯାଇପାରିବ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ବ୍ରିକ୍ସକୁ ମଜବୁତ କରିବା ସହିତ ବିଶ୍ୱ ଶାସନ ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଆଣିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ବର୍ତ୍ତମାନର ବିଶ୍ୱ ଶାସନ ବ୍ୟବସ୍ଥା ଏକ ପିରାମିଡ୍ ? ଭଳି ହୋଇଥିବାବେଳେ ତାହାର ଶୀର୍ଷଭାଗରେ କ୍ଷମତା ଓ ନିଷ୍ପତ୍ତି ନେବାର ଅଧିକାର କେନ୍ଦ୍ରୀଭୂତ ଏବଂ ତଳଭାଗରେ ସେହି ଦେଶଗୁଡ଼ିକ ଅଛନ୍ତି ଯେଉଁମାନେ ନିଷ୍ପତ୍ତିର ପ୍ରଭାବ ଭୋଗୁଛନ୍ତି, କିନ୍ତୁ ନିଷ୍ପତ୍ତି ଗଠନରେ ପର୍ଯ୍ୟାପ୍ତ ଭୂମିକା ପାଉନାହାନ୍ତି। ବିଶ୍ୱର ବିକାଶଶୀଳ




ଦକ୍ଷିଣ ଦେଶଗୁଡ଼ିକ ବିଭିନ୍ନ ବୈଶ୍ୱିକ ସଙ୍କଟର ସମ୍ମୁଖଭାଗରେ ଥିଲେ ମଧ୍ୟ ନିଷ୍ପତ୍ତି ନେବାରେ ପଛରେ ରହିଛନ୍ତି ବୋଲି ସେ କହିଛନ୍ତି। ଏହି ବିଶେଷାଧିକାରର ପିରାମିଡ୍ ?କୁ ସହଭାଗିତାର ମଞ୍ଚରେ ପରିଣତ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ଦେଶର ସ୍ୱର, ପ୍ରତ୍ୟେକ ସଦସ୍ୟଙ୍କ ଭାଗିଦାରୀ ଏବଂ ପ୍ରତ୍ୟେକ ପ୍ରଚେଷ୍ଟାର କେନ୍ଦ୍ରରେ ମାନବତାର ବିକାଶ ରହିବ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହି ଲକ୍ଷ୍ୟରେ ବୈଶ୍ୱିକ ଶାସନ ସଂସ୍କାର ପାଇଁ ଦଶଟି ପ୍ରସ୍ତାବ ପ୍ରସ୍ତୁତ କରି ଆଗାମୀ ଶିଖର ସମ୍ମିଳନୀ ସୁଦ୍ଧା ଏକ ବ୍ରିକ୍ସ ସଂସ୍କାର ମାର୍ଗଦର୍ଶିକା ରୂପେ ଗଢ଼ିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି ମାର୍ଗଦର୍ଶିକାରେ ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଏବଂ ନିୟମ ପ୍ରଣୟନ ଭଳି ତିନୋଟି ପ୍ରମୁଖ ଦିଗକୁ ପ୍ରାଥମିକତା ଦେବାକୁ ସେ କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ପ୍ରକ୍ରିୟାକୁ ଆଉ ବିଳମ୍ବ କରାଯାଇପାରିବ ନାହିଁ ଏବଂ ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ଓ ସ୍ପଷ୍ଟ ପରିଣାମ ସହ ଯୋଡ଼ିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେହିପରି ବୈଶ୍ୱିକ ଆର୍ଥିକ ଅନୁଷ୍ଠାନଗୁଡ଼ିକରେ ଭୋଟଦାନ କ୍ଷମତା, ନେତୃତ୍ୱ ପଦବୀ ଓ ନୀତିଗତ ପ୍ରାଥମିକତା ଆଜିର ଅର୍ଥନୈତିକ ବାସ୍ତବତା ଅନୁଯାୟୀ ହେବା ଉଚିତ ବୋଲି ସେ କହିଛନ୍ତି। ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିକୁ ଗତି ଦେଉଥିବା ଦେଶଗୁଡ଼ିକୁ ବୈଶ୍ୱିକ ଅର୍ଥନୈତିକ ଶାସନକୁ ଦିଗଦର୍ଶନ ଦେବାରେ ଉଚିତ ଭୂମିକା ମିଳିବା ଆବଶ୍ୟକ ବୋଲି ସେ କହିଛନ୍ତି। ବୈଶ୍ୱିକ ଅନୁଷ୍ଠାନଗୁଡ଼ିକ ପ୍ରତି ମାନବତାର ବିଶ୍ୱାସ ସେତେବେଳେ ବଢ଼ିବ ଯେତେବେଳେ ସେଗୁଡ଼ିକ ସମସ୍ୟାର ଦ୍ରୁତ ଓ ପ୍ରଭାବଶାଳୀ ସମାଧାନ ଦେଇପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ବାଣିଜ୍ୟରେ ନାବିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲେ ମଧ୍ୟ ସଙ୍କଟ ସମୟରେ ସେମାନେ ଅନେକ ସମୟରେ ଆବଶ୍ୟକ ସହାୟତାରୁ ବଞ୍ଚିତ ହୁଅନ୍ତି ବୋଲି ଉଲ୍ଲେଖ କରି ଏକ ନାବିକ ଜରୁରୀକାଳୀନ ସହାୟତା ଜାଲ ଗଠନର ପ୍ରସ୍ତାବ ସେ ରଖିଛନ୍ତି।

## ମୁଖ୍ୟ ଆକର୍ଷଣ-ପ୍ରଧାନମନ୍ତ୍ରୀଙ୍କ ସହ ଚୀନ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୨/୯ (ପିଆଇବି):ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନ ଗଣରାଜ୍ୟର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ୨୦୨୫ ଅଗଷ୍ଟରେ ତିଆନଜିନଠାରେ ହୋଇଥିବା ଶେଷ ସାକ୍ଷାତ୍ ? ପରଠାରୁ ଭାରତ-ଚୀନ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ସ୍ଥିର ଅଗ୍ରଗତିକୁ ଉଭୟ ନେତା ସ୍ୱାଗତ କରିଛନ୍ତି। ଉଭୟ ଦେଶର ସମ୍ପର୍କକୁ ଦୀର୍ଘକାଳୀନ ଓ ରଣନୈତିକ ଦୃଷ୍ଟିକୋଣରୁ ଦେଖି ଆଗକୁ ବଢ଼ିବା ଆବଶ୍ୟକ ବୋଲି ଉଭୟ ନେତା ପୁନର୍ବାର ଗୁରୁତ୍ୱାରୋପ କରିଛନ୍ତି। ମତଭେଦ ଯେପରି ବିବାଦର ରୂପ ନନେଇ, ସେଥିପାଇଁ ସତର୍କ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହି ସମ୍ପର୍କକୁ ପରସ୍ପର ସମ୍ମାନ, ପରସ୍ପର ସମ୍ବେଦନଶୀଳତା ଏବଂ ପରସ୍ପର ସ୍ୱାର୍ଥ—ଏହି ତିନିଟି ମୂଳ ନୀତି ଦ୍ୱାରା ପରିଚାଳିତ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କର ନିରନ୍ତର ବିକାଶ ପାଇଁ ଏକ ମୌଳିକ ଆଧାର ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସୀମା ସମ୍ପର୍କିତ ପ୍ରସଙ୍ଗରେ ପୂର୍ବରୁ ହୋଇଥିବା ଚୁକ୍ତି, ବୁଝାମଣା ଓ ବ୍ୟବସ୍ଥାଗୁଡ଼ିକୁ ଉଭୟ ପକ୍ଷ ପାଳନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଉଭୟ ଦେଶର ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୁଇ ଦେଶର ଜନସାଧାରଣଙ୍କ ଦୀର୍ଘକାଳୀନ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୀମା ପ୍ରଶ୍ନର ଏକ ନ୍ୟାୟସଙ୍ଗତ, ଯୁକ୍ତିସଙ୍ଗତ ଓ ପରସ୍ପର ଗ୍ରହଣଯୋଗ୍ୟ ସମାଧାନ ପାଇଁ ଆଗକୁ ବଢ଼ିବାରେ ଉଭୟ ନେତା ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବଢ଼ିବାରେ ହୋଇଥିବା ଅଗ୍ରଗତିକୁ ମଧ୍ୟ ଉଭୟ ନେତା ଗୁରୁତ୍ୱର ସହ ନେଇଛନ୍ତି। ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ଅଧିକ ସହଜ ଯାତାୟାତକୁ ଆହୁରି ବଢ଼ାଇବାର ଆବଶ୍ୟକତା ଉପରେ ସେମାନେ ଜୋର ଦେଇଛନ୍ତି। ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ପ୍ରସଙ୍ଗରେ ପରସ୍ପରର ଚିନ୍ତା ଓ ସମସ୍ୟାଗୁଡ଼ିକୁ ଦୂର କରିବା ଆବଶ୍ୟକ ବୋଲି ଉଭୟ ନେତା କହିଛନ୍ତି। ବିଶେଷକରି ବାଣିଜ୍ୟିକ ଅସନ୍ତୁଳନ, ଯୋଗାଣ ଶୃଙ୍ଖଳା ସମ୍ପର୍କିତ ସମସ୍ୟା ଏବଂ ଉଭୟ ଦେଶର ବଜାରରେ ଅର୍ଥପୂର୍ଣ୍ଣ ଓ ପୂର୍ବାନୁମାନଯୋଗ୍ୟ ପ୍ରବେଶ ସୁନିଶ୍ଚିତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି। ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ ସାଧାରଣ ସହମତିର କ୍ଷେତ୍ରକୁ ଆହୁରି ବିସ୍ତାର କରିବା ଏବଂ ସାମ୍ନାକୁ ଆସୁଥିବା ବିଭିନ୍ନ ଆହ୍ୱାନର ମୁକାବିଲାରେ ପରସ୍ପର ସହଯୋଗ ଜାରି ରଖିବାକୁ ଉଭୟ ନେତା ସହମତ ହୋଇଛନ୍ତି। ଭାରତର ବ୍ରିକ୍ସ ଅଧ୍ୟକ୍ଷତାକୁ ଚୀନ ପକ୍ଷରୁ ମିଳିଥିବା ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ଚୀନକୁ ଧନ୍ୟବାଦ ଜଣାଇବା ସହ ୨୦୨୬ର ବ୍ରିକ୍ସ ଶିଖର ସମ୍ମିଳନୀକୁ ସଫଳ କରିବାରେ ଚୀନର ଅବଦାନକୁ ପ୍ରଶଂସା କରିଛନ୍ତି।

# ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬କୁ ନେଇ ମିଥ୍ୟା ପ୍ରଚାର କରୁଛନ୍ତି ବିରୋଧୀ ଦଳ: ଅମର ପଟ୍ଟନାୟକ

ଭୁବନେଶ୍ୱର, ୧୨/୯ :ପ୍ରେସ କନଫରେନ୍ସ କରି ଗଣମାଧ୍ୟମରେ ବିବୃତି ଦେବା ଏବଂ ପ୍ରକୃତ ଆଭିମୁଖ୍ୟ ଭିତରେ ଅନେକ ତଫାତ୍ ରହିଛି। ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬କୁ ନେଇ ଗତ କିଛି ଦିନ ହେଲା ବିଜେଡି ଓ କଂଗ୍ରେସ ସମେତ ବିରୋଧୀ ଦଳଗୁଡିକ ନକରାତ୍ମକ ପ୍ରଚାର କରୁଛନ୍ତି । ବିଶେଷ ଭାବେ ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ବର୍ତ୍ତମାନ ଗଣମାଧ୍ୟମକୁ ଆସି ଅପପ୍ରଚାର କରୁଛି । ସୁନା ଅଣ୍ଡା ଦେଉଥିବା କୁକୁଡାକୁ ମାରି ଦେବା ଭଳି ବିଜେଡି ସରକାର ଖଣି ଏବଂ ଖଣିଜ ସଂପଦ କ୍ଷେତ୍ରକୁ ବ୍ୟବହାର କରି ହରିଲୁଟ କରିଥିଲା । ବାସ୍ତବରେ ବିଜେଡିର ଶାସନ କାଳରେ ଖଣି ସଂସ୍କାର ଏବଂ ତତ୍‌ଜନିତ ରାଜସ୍ୱକୁ ନେଇ ତାଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ଥିବାର ସ୍ପଷ୍ଟ ହେଉଛି । ପୂର୍ବ ସରକାର ମାଇନିଙ୍ଗ ସେକ୍ଟରର ଉନ୍ନତି ପାଇଁ କିଛି କରିନଥିଲେ । ଡିଏମଏଫ୍ ପାଂଠିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ବିଜେଡି ସରକାର ଅମଳରେ ବ୍ୟାପକ ହରିଲୁଟ ହୋଇଥିଲା । ଅତୀତରେ ଜିଏସଟି ଭଳି ଆର୍ଥିକ ସଂସ୍କାରକୁ ବିରୋଧ କରୁଥିବା ବିଜେଡି, କଂଗ୍ରେସ ଏବଂ ସମଭାବପନ୍ନ ବିରୋଧୀ ଦଳଗୁଡିକର ଆଭିମୁଖ୍ୟ ସମାନ ଭାବେ ଏମ୍ଏମ୍ଡିଆର୍ ଆଇନ ସଂସ୍କାର କ୍ଷେତ୍ରରେ ପରିପ୍ରକାଶ କରୁଛନ୍ତି ବୋଲି ବରିଷ୍ଠ ନେତା ତଥା ରାଜ୍ୟସଭାର ପୂର୍ବତନ ସାଂସଦ ଶ୍ରୀ ଅମର ପଟ୍ଟନାୟକ କହିଛନ୍ତି ।




ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଦେଶରେ ଥିବା ଖଣିଜ ସଂପଦଗୁଡିକର ସୁପରିଚାଳନା, ସୁରକ୍ଷା, ନିୟନ୍ତ୍ରଣ ଏବଂ ସ୍ୱଚ୍ଛତାର ସହ ଆବଂଟନ କରିବା ହେଉଛି ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬ର ମୁଳ ଲକ୍ଷ୍ୟ । ବିଭିନ୍ନ ରାଜ୍ୟଗୁଡିକର ୧୪ଟି ବିଭିନ୍ନ ପ୍ରକାରର ଟ୍ୟାକ୍ସ, ସେସ୍, ଫି ଆଦି ହଟାଯାଇ ଟ୍ୟାକ୍ସ ବିଶୃଙ୍ଖଳା ଦୂର କରାଯିବ । ସମସ୍ତ ରାଜ୍ୟରେ ରାଜ୍ୟସ୍ତରୀୟ ଟ୍ୟାକ୍ସ ବ୍ୟବସ୍ଥାରେ ସମାନତା ଅଣାଯିବ । ଏହା ପୂର୍ବାନୁମାନ ଯୋଗ୍ୟତା ଏବଂ ସଂସ୍ଥାଗତ ସ୍ଥିରତା ଆସିବା ଦ୍ୱାରା ଖଣି କ୍ଷେତ୍ରରେ ସାମଗ୍ରିକ ଅଭିବୃଦ୍ଧି ପାଇଁ ଲାଭଦାୟକ ହେବ । ଖଣି ପରିଚାଳନାକୁ ବ୍ୟବସାୟିକ ଭାବେ ଲାଭଜନକ ଓ ପ୍ରତିଯୋଗିତାମୁଳକ କରିବ । ସିମେଂଟ, ଲୁହାଛଡ, ଷ୍ଟିଲ ଆଦି ଭଳି ଖଣି ଆଧାରିତ ଶିଳ୍ପ ଓ ବସ୍ତୁର ଦରଦାମ ଉପରେ ନିୟନ୍ତ୍ରଣ ରହିବା ଦ୍ୱାରା ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ । ଖଣିଜ କ୍ଷେତ୍ରରେ ନୂତନ ନିବେଶକଙ୍କୁ ଆକର୍ଷିତ କରିବ । ଏହା କେନ୍ଦ୍ର ସରକାରଙ୍କ ହୋଇଥିଲେ ହେଁ, ଏହା ମାଧ୍ୟମରେ ରାଜ୍ୟଗୁଡିକୁ ରୋୟାଲ୍ଟି ଓ ରାଜସ୍ୱ ମିଳିଥାଏ, ଯାହା ରାଜ୍ୟର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୁମିକା ଗ୍ରହଣ କରେ । ଏହି ଆଇନରେ କୌଣସି ପରିବର୍ତ୍ତନ କେନ୍ଦ୍ର ସରକାରଙ୍କ ଦ୍ୱାରା ହୋଇଥାଏ । ଏହି ଆଇନ କାର୍ଯ୍ୟକାରୀ ହେବା କାରଣରୁ ଖଣିଜ ସଂପଦ ଭରପୁର ଓଡିଶା ରାଜ୍ୟରେ ଖଣି କ୍ଷେତ୍ରରେ ସଂସ୍କାର ଓ ପାରଦର୍ଶିତା ଆସିବା ସହିତ ଅର୍ଥନୀତିରେ ଦୃତ ପ୍ରଗତି ହୋଇଛି । କେନ୍ଦ୍ରର ନୂତନ ଆଇନ ଅନୁଯାୟୀ ଟ୍ୟାକ୍ସ ପ୍ରକ୍ରିୟାରେ ସମାନତା ରହିବା ଦ୍ୱାରା ଖଣି ଅଂଚଳ ଓ ରାଜ୍ୟଗୁଡିକ ଲାଭାନ୍ୱିତ ହେବେ । ଶିଳ୍ପ ଓ ଶିଳ୍ପାୟନ ଉପରେ ଅଧିକ ଟ୍ୟାକ୍ସ ବୋଝ ପଡିବ ନାହିଁ । ଯୁକ୍ତିଯୁକ୍ତ ସୀମା ନଥାଇ ରାଜ୍ୟ ସରକାରମାନଙ୍କ ଦ୍ୱାରା ଖଣିଜ ଅଧିକାର ଏବଂ ଖଣିଜ ସଂପଦ ବିଶିଷ୍ଟ ଜମି ଉପରେ ଅସମାନ ଭାବରେ ଟ୍ୟାକ୍ସ କିମ୍ବା ଅନ୍ୟାନ୍ୟ ଶୁଳ୍କ ଲାଗୁ କରିବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ । ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମକୁ ମାନି ରାଜ୍ୟ ସରକାର ଟ୍ୟାକ୍ସ ଲଗାଇ ପାରିବେ । ରାଜ୍ୟର କ୍ଷମତା ହ୍ରାସ ହେବା, ସଂଘୀୟ ବ୍ୟବସ୍ଥା କୁଠାରଘାତ ହେବା, ରାଜ୍ୟର ଆର୍ଥିକ କ୍ଷତି ହେବା ଭଳି ବିରୋଧୀଙ୍କ ବକ୍ତବ୍ୟ ଅତ୍ୟନ୍ତ ଭ୍ରମାତ୍ମକ ଓ ହାସ୍ୟାସ୍ପଦ । ବୋଧହୁଏ, ବିରୋଧୀ ଦଳଗୁଡିକ ନୂତନ ସଂଶୋଧିତ ଆଇନ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟକୁ ଭଲ ଭାବେ ପଢିନାହାନ୍ତି କିମ୍ବା ବୁଝିବାକୁ ଅସମର୍ଥ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଯେଉଁମାନେ ଆଜି ଖଣି ଖାଦାନ ଏବଂ ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬କୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ସେମାନେ ୨୦୧୫ ମସିହା ପର୍ଯ୍ୟନ୍ତ କୁଆଡେ ଯାଇଥିଲେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର ଆସିବା ପରେ ପ୍ରଥମ ଥର ପାଇଁ ଇ-ଅକ୍ସନ ବ୍ୟବସ୍ଥା ଆଣିଥିଲେ । ଏହା ପୂର୍ବରୁ ଖଣି ଖାଦାନଗୁଡିକୁ ପୂର୍ବ ସରକାରମାନେ ନିର୍ଦ୍ଦିଷ୍ଟ କିଛି ପରିବାର ଆଧାରରେ ମୁହଁ ଦେଖି ଶାଗମାଛ ଦରରେ ଖଣି ମାଫିଆଙ୍କୁ ଦେଇ ଦେଉଥିଲେ । ଖଣିମାଫିଆମାନେ ବେନିୟମ ଏବଂ ମନଇଚ୍ଛା ଖଣିଜ ଉତ୍ତୋଳନ କରି ଖଣିଜ ପଦାର୍ଥ ଲୁଟ କରୁଥିଲେ ଏବଂ ମାଲେମାଲ ହେଉଥିଲେ, କିନ୍ତୁ ରାଜ୍ୟକୁ କିଛି ମିଳୁନଥିଲା । ତତ୍କାଳୀନ ସିଏଜି ରିପୋର୍ଟ ଏବଂ ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଶାହା କମିଶନ ରିପୋର୍ଟ ଆଧାରରେ ପାଖାପାଖି ୬୦ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଲା ଏବଂ ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଶାହା କମିଶନ ସୁପାରିଶ କରିଥିଲେ । ତତ୍କାଳୀନ ବିଜେଡି ସରକାର କାହିଁକି ସିବିଆଇ ତଦନ୍ତକୁ ବିରୋଧ କରିଥିଲେ ଅନ୍ୟ ପଟେ ଧାର୍ଯ୍ୟ ହୋଇଥିବା ଜୋରିମାନା ଅର୍ଥ ୬୦ ହଜାର କୋଟି ଟଙ୍କାରୁ ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ସରକାର କାହିଁକି ମାତ୍ର ୧୫ ହଜାର କୋଟି ଟଙ୍କା ଆଦାୟ କରିଥିଲା ରାଜ୍ୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ ତତ୍କାଳୀନ ବିଜେଡି ସରକାର ସଂପୂର୍ଣ୍ଣ ଜୋରିମାନା ଅର୍ଥ ୬୦ ହଜାର କୋଟି ଟଙ୍କା ଆଦାୟ କରିଥାନ୍ତେ, କିନ୍ତୁ କାହିଁକି କରିଲେ ନାହିଁ ସେହିପରି ନିଜ ଶାସନ କାଳ ମଧ୍ୟରେ ବିଜେଡି ସରକାର ୧୪ଟି ପ୍ରମୁଖ ଉଦ୍ୟୋଗର ୪୦୯୭ କୋଟି ଟଙ୍କାର ବିଦ୍ୟୁତ ବକେୟା ଏବଂ କୋଟି କୋଟି ଟଙ୍କାର ଜଳକର କାହିଁକି ଛାଡ କରିଥିଲେ ଏହା ଦ୍ୱାରା ରାଜସ୍ୱ ହାନି ହେବାର ଆଶଂକା ସେମାନଙ୍କ ମନକୁ ଆସିନଥିଲା କାହିଁକି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

ଖଣି କ୍ଷେତ୍ରରୁ ଆଦାୟ ହେଉଥିବା ୯୦ ପ୍ରତିଶତରୁ ଅଧିକ ରାଜସ୍ୱ ରାଜ୍ୟ ସରକାରଙ୍କ ପାଖକୁ ଯାଏ, କାରଣ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରୟାଲ୍ଟି ଏବଂ ଡିଏମଏଫ ପାଂଠିର ଲାଭ ରାଜ୍ୟକୁ ମିଳିଥାଏ, କେନ୍ଦ୍ରକୁ ନୁହେଁ । ୨୦୧୫ ମସିହା ପରେ ଏମ୍ଏମ୍ଡିଆର୍ ଆଇନରେ ସଂସ୍କାର ଆସିବା ପରେ ଖଣି ବିତରଣ ଓ ଇ-ଅକ୍ସନ ଜରିଆରେ ଖଣି କ୍ଷେତ୍ର ଆବଂଟନ କରାଯାଇଛି । ସଂଶୋଧିତ ରୟାଲ୍ଟି ନୀତି ଓ ଇ-ଅକ୍ସନ କାରଣରୁ ଓଡିଶାର ଖଣି ରାଜସ୍ୱ ଆଦାୟରେ ୮୬୧ ପ୍ରତିଶତ ଉନ୍ନତି ହୋଇଛି । ୨୦୧୫ ମସିହାରେ ମାତ୍ର ୩୩୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଥିବାବେଳେ ବର୍ତ୍ତମାନ ଏହି ପରିମାଣ ୫୩ ହଜାର କୋଟି ଟଙ୍କାକୁ ପହଂଚିଛି । ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାର ଓ ବିଜେପି ସରକାରର ଇଚ୍ଛା ନଥିବା କହି ବିଜେଡି ଓ କଂଗ୍ରେସ ରାଜ୍ୟବାସୀଙ୍କୁ କେବଳ ବିଭ୍ରାନ୍ତ କରୁଛି । ବାସ୍ତବରେ ରାଜ୍ୟର କ୍ଷମତା ଯାହା ଥିଲା, ତାହା ସଂପୂର୍ଣ୍ଣ ସୁରକ୍ଷିତ ରହିବ ଏବଂ ଏହା ଦ୍ୱାରା ରାଜ୍ୟର କ୍ଷତି ନୁହେଁ ବରଂ ଲାଭ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଏଣ୍ଟ୍ରି ନମ୍ବର ୧୮ ଅନୁଯାୟୀ ଜମି ହେଉଛି ରାଜ୍ୟ ସରକାରଙ୍କ ଅଧିନସ୍ଥ ପ୍ରସଙ୍ଗ । ୨୦୦୪ ମସିହାରେ ରାଜ୍ୟ ସରକାର ଅଣିଥିବା 'ଓରିସେଡ ଆଇନ' ଅନୁଯାୟୀ ଜମି ଉପରେ ୨୦ ପ୍ରତିଶତ ଟ୍ୟାକ୍ସ ଆଦାୟ କରିବାର ବ୍ୟବସ୍ଥା ରଖାଗଲା । ପରବର୍ତ୍ତୀ ସମୟରେ ମାନ୍ୟବର ହାଇକୋର୍ଟ ଏହା ଉପରେ ରୋକ ଲଗାଇଲେ, ଯାହାକି ବର୍ତ୍ତମାନ ସମୟରେ ଏହି ମାମଲାଟି ମାନ୍ୟବର ସୁପ୍ରିମକୋର୍ଟଙ୍କ ବିଚାରଧିନ ଅଛି ଏବଂ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଉପାରୁନାହିଁ । ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬ର ପ୍ରଣୟନ ଦ୍ୱାରା ଓଡିଶା ପାଇଁ ଲଙ୍ଗ ଟର୍ମରେ ନିଶ୍ଚିତ ଲାଭଦାୟକ ହେବ । ରାଜ୍ୟକୁ ମାଇନିଙ୍ଗ ରୟାଲଟି ଓ ଡିଏମଏଫରେ କୌଣସି କ୍ଷତି ହେବ ନାହିଁ ବରଂ ଲାଭଦାୟକ ହେବ । ଜିଏସଟି ଭଳି 'ଏକ ଦେଶ – ଏକ ଖଣିଜ ବଜାର' ବ୍ୟବସ୍ଥା ଦୀର୍ଘମିଆଦି ଭିତ୍ତିରେ ସାରା ଦେଶରେ ଖଣି କ୍ଷେତ୍ରରେ ସୁଷମ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ-୨୦୨୬ର ପ୍ରଣୟନ କାରଣରୁ ଓଡିଶା ଭଳି ଖଣିଜ ସଂପଦ ଭରପୁର ରାଜ୍ୟରେ ଶିଳ୍ପାୟନ ବୃଦ୍ଧି ପାଇବ, ନୂତନ ରୋଜଗାର ଓ ନିଯୁକ୍ତି ସୃଷ୍ଟି ହେବ, 'ଇଜ୍ ଅଫ୍ ବିଜିନେସ' ତ୍ୱରିତ ହେବ । ଓଡିଶା ରାଜ୍ୟର ପ୍ରଗତି ହେଲେ ଦେଶର ବିକାଶ ହେବ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ ହେବ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ବିଧାୟକ ଶ୍ରୀ ଅଶୋକ ମହାନ୍ତି ଓ ଶ୍ରୀ ଅଗସ୍ତି ବେହେରା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ପାଦକୀୟ

# ଆଜିର ସଂକଳ୍ପ

ଭାରତ ଆଜି ଏକ ସାର୍ବଭୌମତ୍ୱ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ୭୭ବର୍ଷରେ ପଦାର୍ପଣ କରିଛି। ପରାଧୀନ ଶୃଙ୍ଖଳରୁ ମୁକ୍ତ ହେବା ପରେ ଏକ ସ୍ୱାଧୀନ, ସାର୍ବଭୌମତ୍ୱ ଗଣତାନ୍ତ୍ରୀକ ଭାବେ ଗୋଟିଏ ରାଷ୍ଟ୍ର ପାଇଁ ୭୭ବର୍ଷ କିଛି କମ୍ ନୁହେଁ। ଏହି ଅବଧି ମଧ୍ୟରେ ଭାରତରେ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥା କେବଳ ସୁଦୃଢ ହୋଇନାହିଁ, ବିଶ୍ୱର ଏକ ବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ଭାରତ ସ୍ୱତନ୍ତ୍ର ମର୍ଯ୍ୟଦା ହାସଲ କରିଛି। ବିଭାଜନ ପରେ ମାତ୍ର ୧୨ଘଂଟା ପୂର୍ବରୁ ପାକିସ୍ଥାନ ସ୍ୱାଧୀନ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ଅର୍ଦ୍ଧାଧିକ ସମୟ ସାମରିକ ବାହିନୀ ଦ୍ୱାରା ଶାସିତ ଏବେ ବି ନିର୍ବାଚିତ ସରକାର ନାଁ କୁ ମାତ୍ର ରହିଛି। ପ୍ରକୃତ କ୍ଷମତା ସେନା ହାତରେ ରହିଛି। କେବଳ ପାକିସ୍ଥାନ ନୁହେଁ, ଭାରତର ସମସ୍ତ ପଡୋଶୀ ରାଷ୍ଟ୍ରଗୁଡିକର ଅବସ୍ଥା ମଧ୍ୟ ଅନୁରୂପ ଦେଶରେ ସାମ୍ବିଧାନିକ ଶାସନ ଏବଂ ନିର୍ବାଚନ ପ୍ରକ୍ରୀୟା ସମଗ୍ର ବିଶ୍ୱ ପାଇଁ ପଦ ପ୍ରଦର୍ଶକ ଭାବେ ଉଭା ହୋଇଛି ବୋଲି କହିଲେ ଅତିରଂଜିତ ହୋଇନପାରେ ଆହୁରି ମଧ୍ୟ ୭୭ବର୍ଷ ମଧ୍ୟରେ ଦେଶରେ ୧୮ଥର ସାଧାରଣ ନିର୍ବାଚନ ହୋଇସାରିଲାଣି। ନିର୍ବାଚନରେ ଜନମତ ଅନୁଯାୟୀ ଦେଶରେ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ସମ୍ପନ୍ନ ହୋଇଛି। କହିବା ଯଥାର୍ଥ ହେବ ଯେ, ବିଶ୍ୱରେ ସର୍ବପୁରାତନ ଗଣତାନ୍ତ୍ରୀକ ରାଷ୍ଟ୍ର ଆମେରିକାରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ପରାଜିତ ପ୍ରାର୍ଥୀ ପରାଜୟକୁ ସ୍ୱୀକାର ନକରି ବିଦ୍ରୋହ କରିବା ଭଳି ଘଟଣା ଘଟିଥିବାବେଳେ ଭାରତରେ ସେପରି ଅବସ୍ଥା ସୃଷ୍ଟି ହୋଇନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତୀୟ ଗଣତନ୍ତ୍ରରେ ସଂଖ୍ୟା ବଳ ଗୁରୁ ବିପଦ ଭାବେ ଉଭା ହୋଇଛି। ସେହିପରି ଦେଶରେ ନିର୍ବାଚନ ପ୍ରକ୍ରୀୟା ଏତେ ବ୍ୟୟବହୁଳ ହୋଇ ପଡିଛି, ମଧ୍ୟବିତ ନିର୍ବାଚନ ଲଢିବା ଅସମ୍ଭବ ହୋଇପଡିଛି। ରାଜନୀତିରେ କୋଟିପତି ଓ ଅର୍ଥବଳର ପ୍ରଭାବ ବୃଦ୍ଧି ପାଇଛି। ଦେଶରେ ନିର୍ବାଚିତ ସାଂସଦଙ୍କ ମଧ୍ୟରୁ ଅର୍ଦ୍ଧାଧିକ କୋଟିପତି ହୋଇ ଥିବାବେଳେ ରାଜନୀତିରେ ଅପରାଧି ବା ବାହୁବଳୀ ନେତାଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଆହୁରି ମଧ୍ୟ ନିଜସ୍ୱ ଭୋଟବ୍ୟାଙ୍କ ସୃଷ୍ଟି ତଥା ଭୋଟଦାତାଙ୍କୁ ଆକର୍ଷିତ କରିବା ପାଇଁ ନିର୍ବାଚନରେ ନଗଦ ଟଙ୍କା ବଂଟନ ସହ ମାଗଣା ଯୋଜନା ନେଇ ରାଜନୈତିକ ଦଳଗୁଡିକ ମଧ୍ୟରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଯାହାକି ଦେଶର ଗଣତନ୍ତ୍ର ଏବଂ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ବିଗତ ୭୭ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, କାରିଗରୀ କୌଶଳ, ପ୍ରତିରକ୍ଷା, ମହାକାଶ ଗବେଷଣା ଓ ଅର୍ଥନୀତି କ୍ଷେତ୍ରରେ ଅଦଭୁତ୍‌ପୂର୍ବ ସଫଳତା ହାସଲ କରି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ମର୍ଯ୍ୟଦା ହାସଲ କରିଛି। ଆସନ୍ତା ୨୦୧୭ରେ ସ୍ୱାଧୀନତା ପ୍ରାପ୍ତିର ଶହେ ବର୍ଷ ପୁରଣ କରିବାକୁ ଯାଉଥିବାବେଳେ ଏକ ବିକଶିତ ଭାରତ ଗଠନ ଏବେ ମୁଖ୍ୟ ଲକ୍ଷ୍ୟ ହୋଇଛି। ଉଲ୍ଲେଖଯୋଗ୍ୟ, ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଦ୍ରୁତ ବୃଦ୍ଧି ପାଉଥିବାବେଳେ ଇତିମଧ୍ୟରେ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୈତିକ ଶକ୍ତିର ମର୍ଯ୍ୟଦା ହାସଲ କରିଛି। ଖୁବଶୀଘ୍ର ବିଶ୍ୱର ତୃତୀୟ ଅର୍ଥନୈତିକ ଶକ୍ତିରେ ପରିଣତ ହେବା ନେଇ ଲକ୍ଷ୍ୟ ରଖିଛି। କିନ୍ତୁ ଦେଶରେ ଧନୀ-ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ଯେପରି ବଢିଚାଲିଛି, ତାହା ନିଶ୍ଚିତ ଚିନ୍ତାଜନକ। ଏକ ଅନୁଧ୍ୟାନ ରିପୋର୍ଟ କହେ, ଦେଶର ୧୦ପ୍ରତିଶତ ଧନୀଙ୍କଙ୍କ ନିକଟରେ ମୋଟ ସମ୍ପତିର ୬୦ପ୍ରତିଶତ ଥିବାବେଳେ ୯୦ପ୍ରତିଶତଙ୍କ ନିକଟରେ ୪୦ପ୍ରତିଶତ ସମ୍ପତି ରହିଛି। କେବଳ ଏତିକି ନୁହେଁ, ଧନୀକଙ୍କ ସମ୍ପତି, ଆୟ ବଢିଚାଲିଥିବାବେଳେ ଗରିବ ଅଧିକରୁ ଅଧିକ ଗରିବ ହେବାରେ ଲାଗିଛି। କିନ୍ତୁ ଦେଶରୁ ଦାରିଦ୍ର୍ୟ ହ୍ରାସ ପାଇଥିବା ନେଇ ସରକାର ଡିଣ୍ଡିମ ପିଟୁଥିବାବେଳେ ଦେଶରେ ୬୬ପ୍ରତିଶତରୁ ଅଧିକ ଗରିବ ଲୋକଙ୍କୁ ସରକାର ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦେବା ସରକାରଙ୍କ ଦାରିଦ୍ର୍ୟ ହ୍ରାସ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଦେଶରେ ବେକାରୀ, ବେରୋଜଗାରୀ, ଦୁର୍ନୀତି, ଭ୍ରଷ୍ଟାଚାର, ଲାଂଚ, ମହିଳା ନିର୍ଯ୍ୟାତନା, ହିଂସାକାଣ୍ଡ, ଜାତିଭେଦ, ସାମ୍ପ୍ରଦାୟିକ ମନୋଭାବ, କୁସଂସ୍କାର, ଅଶିକ୍ଷା ଆଦି ବଢିଚାଲିଛି। କ୍ଷୁଧା, ଅସୁଖୀ, ଲାଂଚୁଆ ରାଷ୍ଟ୍ର, ଅସ୍ୱଚ୍ଛ ରାଷ୍ଟ୍ର, ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଆଦି ବୈଶ୍ୱିକ ତାଲିକାରେ ଭାରତ ତାଲିକାରେ ନିମ୍ନ ସ୍ଥାନରେ ସ୍ଥାନ ପାଇଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ଦୁର୍ନୀତିର ଚେର ଦିନକୁ ଦିନ ମାଡି ଚାଲିଥିବାବେଳେ ବିନା ଲାଂଚରେ କିଛି କାମ ହୁଏନାହିଁ। ଲୋକଙ୍କ ସୁଖ ସମୃଦ୍ଧି ପାଇଁ ସରକାର ଯୋଜନା ପରେ ଯୋଜନା କରିଚାଲିଛି। କିନ୍ତୁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଁଚିବା ବେଳକୁ ୮୫ପ୍ରତିଶତ ବାଟମାରଣା ହେବା ସାର ହେଉଛି। ଦେଶରେ ଗଣତନ୍ତ୍ରର ତୃତୀୟ ସ୍ତମ୍ଭ ନ୍ୟାୟପାଳିକା ଏବଂ ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ଏବେ ଚାପରେ। ସମ୍ବଦପତ୍ରରେ କଣ୍ଠରୋଧ ଦିନକୁ ଦିନ ବଢିଚାଲିଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ। ସେହିପରି ସରକାରୀ ଦଳ ବିରୋଧିଙ୍କୁ ଦମନ କରିବା ପାଇଁ ସିବିଆଇ, ଇଡି, ଆୟକର ଭଳି କେନ୍ଦ୍ରୀୟ ସଂସ୍ଥାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଅଭିଯୋଗ ବଢିଚାଲିଛି। ଲିଙ୍ଗଗତ ଭେଦଭାବ ଜାତିଗତ ଭେଦଭାବ ବଢିଚାଲିଛି। ଏହା ନିସନ୍ଦେହ ଯେ, ସ୍ୱାଧୀନତା ପ୍ରାପ୍ତିର ଗଲା ୮ଦଶନ୍ଧି ମଧ୍ୟରେ ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଭାରତ ନିଜର ସାମର୍ଥ ପ୍ରଦର୍ଶନ କରିବା ଯେତିକି ଗୌରବର ଗାଥା ବହନ କରେ, ଆଭ୍ୟନ୍ତରୀଣ ଘଟଣାବଳୀ ସେତିକି ଉଦ୍‌ବେଗର କାରଣ ହୋଇଛି। ଆଜି ଏହି ଐତିହାସିକ ଦାବୀରେ ଭାରତକୁ ଏକ ସବୁ କ୍ଷେତ୍ରରେ ସୁଦୃଢ, ଶକ୍ତିଶାଳୀ ସୁଖି ଓ ଦୁର୍ନୀତିମୁକ୍ତ ରାଷ୍ଟ୍ରଭାବେ ଗଢିତୋଳିବା ପାଇଁ ସଂକଳ୍ପ ନେବାର ସମୟ ଆସିଛି।

# ଆଜୀବନ ସେବିକା ରମାଦେବୀ

**ହିମାଂଶୁ ଶେଖର ଆର୍ଯ୍ୟ**

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠି ମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ସେମାନଙ୍କ ଦେଶପ୍ରେମ ଓ ଆତ୍ମୋତ୍ସର୍ଗ ଇତିହାସ ପୃଷ୍ଠାରେ ଚିରଦିନ ଦେଦୀପ୍ୟମାନ ହୋଇ ରହିବ। ଏହି ମୁକ୍ତି ସଂଗ୍ରାମରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ବିଶେଷ କରି ଏହି ଜାତୀୟ ଆନ୍ଦୋଳନରେ ମହିଳା ମାନଙ୍କର ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନଥିଲା। ଏହି ଅଭିଯାନରେ ଯେଉଁ କେତେଜଣ ମହିଳା ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞ ବେଦୀରେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରେ ରମାଦେବୀ ଥିଲେ ଅନ୍ୟତମା। ଯିଏ କି ନିଜର ତ୍ୟାଗ, ସାଧନା ଓ ସେବା ବଳରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ଉତ୍କଳର ମା' ରମାଦେବୀ ଭାବେ ସୁପରିଚିତା ହୋଇପାରିଥିଲେ।

ରମାଦେବୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ। ସେ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ଅଞ୍ଚଳର ସତ୍ୟଭାମାପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ପିତା ଗୋପାଳ ବଲ୍ଲଭ ଦାସ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନ ଭାଇ ଓ ସେତେବେଳର ଡେପୁଟି କଲେକ୍ଟର ତଥା ଓଡିଶାର ପ୍ରଥମ ଉପନ୍ୟାସ 'ଭାମା ଭୂୟାଁ' ର ଲେଖକ। ପରବର୍ତ୍ତୀ ସମୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ରବଧୂ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଧର୍ମପତ୍ନୀ। ୧୯୨୧ ମସିହାର କଥା। ପ୍ରଥମ ଥର ପାଇଁ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ। ନାରୀମାନଙ୍କୁ ଜାତୀୟତା ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ କଂଗ୍ରେସ ପକ୍ଷରୁ କଟକରେ ଏକ ମହିଳା ସଭାର ଆୟୋଜନ କରାଯାଇଥିଲା। ଗାନ୍ଧିଜୀ ସମବେତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଜାତିର କିଛି ବଡ଼କାମ କରିବାକୁ ଇଚ୍ଛା କରୁଥିଲେ ପୁରୁଷ ପାଇଁ ଦେହ ସଜାଇବାର ନିର୍ବୋଧତାକୁ ନାରୀମାନଙ୍କୁ ଛାଡ଼ିବାକୁ ହେବ। ସେ ପୁଣି କହିଥିଲେ ଆପଣମାନେ ସୌଖୀନତାକୁ ବଡ଼ କରନ୍ତୁ ନାହିଁ। ଏସବୁ ଗହଣା ଗାଣ୍ଠିର ଆଦର ଛାଡ଼ି ଦିଅନ୍ତୁ। ଅନ୍ତରର ସୁଗନ୍ଧ ହିଁ ସବୁଠାରୁ ବେଶୀ ବାସ ଚହଟାଇ ପାରିବ ତାହାଦ୍ୱାରା ହିଁ ଆପଣମାନେ କେବଳ ପୁରୁଷକୁ ନୁହେଁ ସମଗ୍ର ମାନବ ଜାତିକୁ ବଶ କରିପାରିବେ। ଏହି ସଭାରେ ରମାଦେବୀ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ କଥାରେ କି କୁହୁକ ଥିଲା କେଜାଣି ସେଥିରେ ଅନୁପ୍ରାଣିତ ହୋଇ ରମାଦେବୀ ତାପରଠୁ ଦେଶ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ।

୧୯୨୨ ମସିହା ଫେବୃଆରୀ ମାସ ଶ୍ରୀପଞ୍ଚମୀ ତିଥିରେ ଜଗତସିଂହପୁର ଅଳକା ନଦୀ କୂଳରେ ପ୍ରତିଷ୍ଠା ହେଲା 'ଅଳକାଶ୍ରମ'। ସେତେବେଳେ ଏହି ଅଳକାଶ୍ରମ ଥିଲା ସ୍ୱଦେଶୀ ଆନ୍ଦୋଳନର ଯଜ୍ଞପୀଠ ଓ ସ୍ୱାଧୀନତା ସଂଗ୍ରାମୀ ତିଆରି କାରଖାନା। ଏଇଠୁ ରମାଦେବୀଙ୍କ ରାଜନୈତିକ ଓ କର୍ମମୟ ଜୀବନର ଅୟମାରମ୍ଭ ହୋଇଥିଲା। ତାଙ୍କରି ପ୍ରରୋଚନାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀ ଡ଼େପୁଟି କଲେକ୍ଟର ଚାକିରି ଛାଡ଼ି 'ଅଳକାଶ୍ରମ'ର ତତ୍ତ୍ୱାବଧାରକ ରୂପେ ଯୋଗ ଦେଇଥିଲେ। ସେହିଁ ଥିଲେ ଗୋପବନ୍ଧୁଙ୍କର ପ୍ରକୃତ ପ୍ରେରଣାଦାତ୍ରୀ। ସହଧର୍ମିଣୀ ଭାବେ ସେ ସବୁ ସମୟରେ ସ୍ୱାମୀଙ୍କ ପାଖେ ପାଖେ ରହି ଆଦର୍ଶ ପତ୍ନୀର ଦାୟିତ୍ୱ ନିର୍ବାହ କରିଥିଲେ। ସେତେବେଳେ ଶହ ଶହ ଛାତ୍ର ଗାନ୍ଧିଜୀଙ୍କ ଡାକରାରେ ସ୍କୁଲ, କଲେଜ ଛାଡ଼ି ସ୍ୱାଧୀନତା ଆନ୍ଦୋଳନ ସାମିଲ ହେଉଥିଲେ। ଏହିସବୁ ଛାତ୍ରମାନଙ୍କୁ ଅଳକାଶ୍ରମରେ ରଖାଯାଇ ଶିକ୍ଷାଦାନର ବ୍ୟବସ୍ଥା ହେଲା। ଏଥି ସହିତ ଅରଟରେ ସୂତା କାଟିବା, ରୋଗୀ ସେବା କରିବା, ଦୀନ ଦରିଦ୍ର ମାନଙ୍କ ଯତ୍ନ ନେବା କାର୍ଯ୍ୟରେ ତାଲିମ ଦିଆଗଲା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ। ଏହି ଆଶ୍ରମବାସୀ ଛାତ୍ରମାନଙ୍କ ଖାଇବା-ପିଇବା, ରହିବା-ଶୋଇବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷାର ଦାୟିତ୍ୱ ନେଇଥିଲେ ନିଜେ ରମାଦେବୀ। ସେଥିପାଇଁ ଅଳକାଶ୍ରମର ଅନ୍ତେବାସୀମାନେ ତାଙ୍କୁ ମା' ବୋଲି ସମ୍ବୋଧନ କରୁଥିଲେ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟା ଗ୍ରହର ଡାକରା ଦେଲେ। ଗୁଜୁରାଟର ଦାଣ୍ଡିକୁ ଲବଣ ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ପ୍ରସିଦ୍ଧ ଦାଣ୍ଡିଯାତ୍ରା ଆରମ୍ଭ ହୁଏ। ସେହିପରି ଓଡ଼ିଶାର ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଠାରେ ଲୁଣମରା ହେବା ପାଇଁ ସ୍ଥିର ହୋଇଥାଏ। ପୋଲିସର ଦମନଲୀଳାକୁ ଭ୍ରୂକ୍ଷେପ ନ କରି ଆଚାର୍ଯ୍ୟ ହରିହର ଓ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡ଼ି ଅଭିମୁଖେ ଯାତ୍ରାକଲେ। ରମାଦେବୀ ଏଥିରେ ସାମିଲ ହୋଇଥିଲେ। ଆଖପାଖ ଗାଁରେ ବୁଲି ମହିଳାମାନଙ୍କୁ ଲବଣ ସତ୍ୟାଗ୍ରହରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ରମାଦେବୀଙ୍କ ସାହସ ଦେଖି, ତାଙ୍କ କଥାରେ ବିଶ୍ୱାସ ରଖି ଶହ ଶହ ସଂଖ୍ୟାରେ ମହିଳା ତାଙ୍କୁ ସହଯୋଗ କଲେ। ଇଞ୍ଚୁଡ଼ିରେ ଲୁଣମରା କାର୍ଯ୍ୟ ଶେଷ କରି ରମାଦେବୀ କୁଜଙ୍ଗ ଅଭିମୁଖେ ଯାତ୍ରା କଲେ। ସେଠାରେ କୁଜଙ୍ଗର ରାଣୀଙ୍କୁ ମଧ୍ୟ ଲୁଣମରା ଅଭିଯାନରେ ସାମିଲ କରାଇଥିଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ଯାତ୍ରା ଆରମ୍ଭ କଲେ। ହରିଜନ ବସ୍ତି ସଫେଇ ଓ ସେମାନଙ୍କର ମନୋବୃତ୍ତି ପରିବର୍ତ୍ତନ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଥିଲା। ଏହି ଯାତ୍ରାରେ ହଜାର ହଜାର ଲୋକଙ୍କର ସମାବେଶ ହେଲା। ଗାନ୍ଧିଜୀଙ୍କ ସହ ସେତେବେଳେ ଏହି ପଦଯାତ୍ରାରେ ଥିଲେ ମୀରାବେନ୍, ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀ। ଗାନ୍ଧିଜୀ ରମାଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ହରିଜନ ଯାତ୍ରା କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ରମାଦେବୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇନଥିଲେ ଗାଁ ଗଣ୍ଡାରେ ଥିବା ଅଶିକ୍ଷିତ, ଗରିବ, ଦରିଦ୍ର, ନିଷ୍ପେଷିତ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମଧ୍ୟ ଆପ୍ରାଣ ଚେଷ୍ଟା କରିଥିଲେ। ଏପରିକି ସେ ସମୟରେ ରମାଦେବୀ ହରିଜନ ପାଣ୍ଠିକୁ ତାଙ୍କର ସୁନା ଗହଣା ମୁକ୍ତ ହସ୍ତରେ ଦାନ କରିଥିଲେ। ଏହା ପରେ 'ମାନବ ସେବାକୁ ମାଧବ ସେବା' ରୂପେ ଗ୍ରହଣ କରି ବରୀକୁ ନିଜର କର୍ମ କ୍ଷେତ୍ରରୂପେ ବାଛିନେଲେ ରମାଦେବୀ। କେବଳ ନିଜେ ନୁହଁନ୍ତି ପରିବାରକୁ ସେବାକର୍ମରେ ଦୀକ୍ଷିତ କରିଥିଲେ ସେ। ଦେବର ନବକୃଷ୍ଣ ଚୌଧୁରୀ, ଯାଆ ମାଳତୀ ଦେବୀ, ପୁତ୍ର ମନମୋହନ, କନ୍ୟା ଅନ୍ନପୂର୍ଣ୍ଣା ଓ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ସମସ୍ତଙ୍କୁ ତ୍ୟାଗ ଓ ସେବା ଧର୍ମରେ ଅନୁପ୍ରାଣିତ କରିଥିଲେ। ସତରେ,ତାଙ୍କ ଆତ୍ମୋତ୍ସର୍ଗର ପଟ୍ଟାନ୍ତର ନାହିଁ।

ଆନ୍ଦୋଳନ ଶେଷ ହେଲା, ଭାରତ ବର୍ଷ ସ୍ୱାଧୀନ ହେଲା। ମାତ୍ର ରମାଦେବୀ ଚୁପ୍ ହୋଇ ବସି ନ ଥିଲେ। କେବଳ ସେବା ଆଉ ସେବା ଥିଲା ତାଙ୍କର ଜୀବନର ପରମମନ୍ତ୍ର। ମହିଳାମାନଙ୍କର ଉନ୍ନତି ସାଧନ, ହରିଜନ କଲ୍ୟାଣ, ମୌଳିକ ଶିକ୍ଷା ପ୍ରଦାନ ଓ ଗ୍ରାମ ସଂଗଠନ ପାଇଁ ସେ ସର୍ବଦା କର୍ମତତ୍ପର ଥିଲେ। ରମାଦେବୀ ଯେ କେବଳ ଓଡ଼ିଶା ବାସୀଙ୍କ ପାଇଁ ଚିନ୍ତା କରୁଥିଲେ ତାହା ନୁହେଁ, ସେ ସମଗ୍ର ମାନବ ଜାତି ପାଇଁ ଚିନ୍ତା କରୁଥିଲେ। ଏହାହିଁ ଥିଲା ତାଙ୍କର ବିଶେଷତ୍ୱ। ସେଥିପାଇଁ ଭୂଦାନ ଆନ୍ଦୋଳନର ପ୍ରବକ୍ତା ବିନୋବାଜୀ ଓଡ଼ିଶା ଆଗମନ ସମୟରେ ରମାଦେବୀଙ୍କୁ ଭୂମି ବଣ୍ଟନ ଦାୟିତ୍ୱ ଦେଇଥିଲେ। ଜୀବନବ୍ୟାପୀ କରିଥିବା ସେବା ଓ ତ୍ୟାଗ ପାଇଁ ତାଙ୍କୁ ୧୯୮୧ ମସିହାରେ 'ଯମୁନା ଲାଲ ବାଜାଜ୍' ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏଥିପାଇଁ ତାଙ୍କୁ ମିଳିଥିବା ଏକ ଲକ୍ଷ ଟଙ୍କାକୁ ସେ ଅସହାୟ ମହିଳା ଓ ଶିଶୁମାନଙ୍କ ପାଇଁ ଦାନ କରିଥିଲେ। ସେହିପରି ରମାଦେବୀଙ୍କ ଉତ୍ସର୍ଗୀକୃତ ସେବା ଓ କାର୍ଯ୍ୟକୁ ସ୍ୱୀକୃତି ଜଣାଇ ଉତ୍କଳ ବିଶ୍ୱବିଦ୍ୟାଳୟ ରମାଦେବୀଙ୍କୁ ୧୯୮୪ ମସିହାରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା। ଏସବୁ ପୁରସ୍କାର ଓ ସମ୍ମାନ ଲାଭ କରିବା ପରେ ସେ କହିଥିଲେ ପୁରସ୍କାର ଓ ସମ୍ମାନ ହେଲା ଲୋକ ଦେଖାଣିଆ ଉପହାର, ଭଗବାନଙ୍କ ଆଶୀର୍ବାଦ ହିଁ ପ୍ରକୃତ ପୁରସ୍କାର ଓ ଶ୍ରେଷ୍ଠ ସମ୍ମାନ।

ମଣିଷ ବଞ୍ଚିରହେ ତାର କର୍ମକୁ ନେଇ, ଦୀର୍ଘ ଜୀବନ ପାଇଁ ନୁହେଁ। ଏହାକୁ ଯଥାର୍ଥରେ ପ୍ରତିପାଦନ କରିଥିଲେ ମା' ରମାଦେବୀ। ତ୍ୟାଗ ଓ ମମତାର ଅନନ୍ୟ ପ୍ରତିମା ଥିଲେ ସେ। ଆଜି ରମାଦେବୀ ଆମ ଗହଣରେ ନାହାଁନ୍ତି। ୧୯୮୫ ମସିହା ଜୁଲାଇ ୨୨ତାରିଖ ଦିନ ସେ ଚାଲିଯାଇଛନ୍ତି ଅଫେରା ରାଇଜକୁ; କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିର ଦିନ ପାଇଁ ଚିରବନ୍ଦନୀୟା ହୋଇ ଓ ରହିଥିବେ ମଧ୍ୟ। ମା' ରମାଦେବୀଙ୍କ ପ୍ରଦର୍ଶିତ ମାର୍ଗ ଓଡ଼ିଆ ଜାତିକୁ ଦିଗ୍‌ଦର୍ଶନ ଦେଉ ଓ ଆମ ସମସ୍ତଙ୍କୁ ସେବା ମନ୍ତ୍ରରେ ଦୀକ୍ଷିତ କରୁ ଏହାହିଁ ଆଜିର ଅନୁଚିନ୍ତା। ଯଦୁନାଥ ଦାଶ ମହାପାତ୍ରଙ୍କ ଭାଷାରେ –

"ତମରି ମୃତ୍ୟୁରେ ଆଜି
ଲୁହ ବନ୍ୟା ସବୁରି ଆଖିରେ
ତ୍ୟାଗର ଶତାବ୍ଦୀ ଶେଷ
ଶୂନ୍ୟତାର ଦେବାଳୟେ
ଭାଙ୍ଗିପଡେ
ଚନ୍ଦ୍ରଭାଗା ତୀରେ।"

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ.୯୩୩୭୨୨୧୯୨୪

# ଯୁବଶକ୍ତି: ପରିବର୍ତ୍ତନର ପଥପ୍ରଦର୍ଶକ

**ଇନ୍‌ସା ଓ୍ୱାରସୀ**

ଯୁବପିଢ଼ି ହେଉଛନ୍ତି ଦେଶର ଶକ୍ତି ଏବଂ ଭବିଷ୍ୟତର ଆଶା। ସେମାନଙ୍କର ଶକ୍ତି, ସୃଜନଶୀଳତା ଏବଂ ଆଗ୍ରହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ଇତିହାସ କୁହେ ଯେଉଁ ଯୁବକମାନେ ନିଜଠାରୁ ଅଧିକ ଚିନ୍ତା କରିବାକୁ ସାହସ କରିଥିଲେ ସେମାନେ ଅନେକ ସାମାଜିକ ଆନ୍ଦୋଳନ, ବୈଜ୍ଞାନିକ ଆବିଷ୍କାର ଏବଂ ସମାଜ ବିକାଶ କାର୍ଯ୍ୟରେ ନେତୃତ୍ୱ ନେଇଛନ୍ତି। ତଥାପି ଯୁବପିଢ଼ି ପରିବର୍ତ୍ତନର ପ୍ରତିନିଧି ହେବା ପାଇଁ ସେମାନଙ୍କୁ ସ୍ପଷ୍ଟ ନେତୃତ୍ୱ ଓ ପଥ ଆବଶ୍ୟକ ଯାହା ସେମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ବିକାଶ କରିବାରେ ସାହାଯ୍ୟ କରେ।

ନେତୃତ୍ୱ କେବଳ କର୍ତ୍ତାର ପଦବୀ ହାସଲ କରିବା ବିଷୟରେ ନୁହେଁ। ପ୍ରକୃତ ନେତୃତ୍ୱର ଅର୍ଥ ହେଉଛି ଅନ୍ୟମାନଙ୍କର ସେବା କରିବା, ସମସ୍ୟା ସମାଧାନ କରିବା, ଲୋକଙ୍କୁ ପ୍ରେରଣା ଦେବା ଏବଂ ସାଧାରଣ ଲୋକଙ୍କ ମଙ୍ଗଳ ପାଇଁ କାମ କରିବା। ଆଜିର ବିଶ୍ୱରେ, ଯେଉଁଠାରେ ସମାଜ ଦାରିଦ୍ର୍ୟ, ବେକାରୀ, ଭୁଲ ସୂଚନା, ସାମାଜିକ ବିଭାଜନ ଏବଂ ପରିବେଶଗତ ଚିନ୍ତା ଭଳି ସମସ୍ୟାର ସମ୍ମୁଖୀନ ହେଉଛି, ସେଠାରେ ଯୁବକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇସଲାମ ଦାୟିତ୍ୱପୂର୍ଣ୍ଣ ନେତୃତ୍ୱର ବିକାଶକୁ ଦୃଢ଼ ଭାବରେ ଉତ୍ସାହିତ କରେ ଏବଂ ସମାଜକୁ ଅବଦାନ ଦେବାକୁ ଚାହୁଁଥିବା ଯୁବକମାନଙ୍କ ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରେ।

ପ୍ରତ୍ୟେକ ପିଢ଼ି କିଛି ଆହ୍ୱାନ ଏବଂ ସୁଯୋଗ ଉତ୍ତରାଧାକାରୀ ଭାବରେ ପାଇଥାନ୍ତି। ଆଜିର ଯୁବପିଢ଼ିର ଦାୟିତ୍ୱ କେବଳ ନିଜ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା ନୁହେଁ ବରଂ ଅନ୍ୟମାନଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବାରେ ସାହାଯ୍ୟ କରିବା। ନେତୃତ୍ୱ ଭୂମିକା ଯୁବକମାନଙ୍କୁ ସମାଜ ସେବା, ଶିକ୍ଷା, ସାମାଜିକ କଲ୍ୟାଣ, ଉଦ୍ୟୋଗ ଏବଂ ସାମାଜିକ ସହଭାଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ। ଯେତେବେଳେ ଯୁବପିଢ଼ିଙ୍କୁ କମ୍ ବୟସରେ ଦାୟିତ୍ୱ ନେବାକୁ ଉତ୍ସାହିତ କରାଯାଏ, ସେମାନେ ନିଷ୍ପତ୍ତି ଗ୍ରହଣ, ଦଳଗତ କାର୍ଯ୍ୟ, ଯୋଗାଯୋଗ ଏବଂ ଦାୟିତ୍ୱବୋଧ ଭଳି ଗୁରୁତ୍ୱପୂର୍ଣ୍ଣ ଗୁଣଗୁଡ଼ିକ ଶିଖନ୍ତି। ଏହି ଗୁଣଗୁଡ଼ିକ ସେମାନଙ୍କୁ ଦାୟିତ୍ୱବାନ ନାଗରିକ ହେବାରେ ସାହାଯ୍ୟ କରେ ଯେଉଁମାନେ ସେମାନଙ୍କ ସମ୍ପ୍ରଦାୟରେ ସକାରାତ୍ମକ ଅବଦାନ ଦେଇପାରିବେ।

ଇସଲାମ ନେତୃତ୍ୱକୁ ଏକ ବିଶ୍ୱାସ ବୋଲି ବିବେଚନା କରେ। ନେତାମାନେ ସଚ୍ଚୋଟତା, ନ୍ୟାୟ ଏବଂ କରୁଣା ସହିତ ଲୋକଙ୍କ ସେବା କରିବାକୁ ଆଶା କରାଯାଏ। କୁରାନ୍ ଏହି ଶିକ୍ଷା ଦିଏ ଯେ ନେତୃତ୍ୱ ଦାୟିତ୍ୱ ବହନ କରେ, ଏହା ବ୍ୟକ୍ତିଗତ ଲାଭ କିମ୍ବା ସ୍ଥିତି ବିଷୟରେ ନୁହେଁ ବରଂ ନ୍ୟାୟ ଏବଂ ସଚ୍ଚୋଟତାର ସହିତ କର୍ତ୍ତବ୍ୟ ପାଳନ କରିବା ବିଷୟରେ। ନେତୃତ୍ୱ ପ୍ରତ୍ୟେକ ସ୍ତରରେ ରହିଛି। ଜଣେ ଶିକ୍ଷକ ଛାତ୍ରମାନଙ୍କୁ ନେତୃତ୍ୱ ଦିଅନ୍ତି, ପିତାମାତା ପରିବାରକୁ ନେତୃତ୍ୱ ଦିଅନ୍ତି, ସମ୍ପ୍ରଦାୟ ସ୍ୱେଚ୍ଛାସେବକମାନେ ପ୍ରକଳ୍ପଗୁଡ଼ିକୁ ନେତୃତ୍ୱ ଦିଅନ୍ତି, ଏବଂ ଯୁବକମାନେ ସେମାନଙ୍କ ପଡ଼ୋଶୀ ଏବଂ ଅନୁଷ୍ଠାନ ମଧ୍ୟରେ ସକାରାତ୍ମକ ପଦକ୍ଷେପ ନେଇଥାନ୍ତି।

ପୟଗମ୍ବର ମହମ୍ମଦ ବୟସ ନିର୍ବିଶେଷରେ ପ୍ରତିଭା ଏବଂ ଚରିତ୍ରକୁ ଚିହ୍ନିଥିଲେ, ଯେମିତିକି ଉସାମା ଇବନ୍ ଜାୟିଦଙ୍କୁ ବହୁତ ଛୋଟ ଅବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଅଭିଯାନର ନେତୃତ୍ୱ ନେବା ପାଇଁ ନିଯୁକ୍ତ କରାଯାଇଥିଲା। ଅନେକ ବୟସ୍କ ଏବଂ ଅଭିଜ୍ଞ ସାଥୀ ତାଙ୍କ ସେନାର ଅଂଶ ଥିଲେ, ତଥାପି ପୟଗମ୍ବର ତାଙ୍କ ଦକ୍ଷତା ଏବଂ ଚରିତ୍ର ଯୋଗୁଁ ତାଙ୍କୁ ନେତୃତ୍ୱ ଦାୟିତ୍ୱ ଦେଇଥିଲେ। ସେହିପରି ଅଲି ଇବନ୍ ଆବି ତାଲିବ ଯୁବକ ଅବସ୍ଥାରେ ଇସଲାମ ଗ୍ରହଣ କରିଥିଲେ ଏବଂ ମୁସଲିମ ସମ୍ପ୍ରଦାୟକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ସାହସ, ଜ୍ଞାନ ଏବଂ ପ୍ରତିବଦ୍ଧତା ଦର୍ଶାଏ କିପରି ଯୁବକମାନେ ସମାଜର ସ୍ତମ୍ଭ ହୋଇପାରିବେ। ଏହି ଉଦାହରଣଗୁଡ଼ିକ ଦର୍ଶାଏ ଯେ ଇସଲାମ ଯୁବ ଅଂଶଗ୍ରହଣକୁ ଉତ୍ସାହିତ କରେ ଏବଂ ଦକ୍ଷତା, ସମର୍ପଣ ଏବଂ ନୈତିକ ଚରିତ୍ରକୁ ମୂଲ୍ୟ ଦିଏ।

ଯୁବକମାନଙ୍କ ପାଇଁ ନେତୃତ୍ୱ ପଥ ନିର୍ମାଣ କରିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ, ସମ୍ପ୍ରଦାୟ ସଂଗଠନ ଏବଂ ଧାର୍ମିକ ନେତାମାନଙ୍କ ପ୍ରୟାସ ଆବଶ୍ୟକ। ଯୁବକମାନଙ୍କୁ ଶିଖିବା ଏବଂ ଯୋଗଦାନ ଦେବାର ସୁଯୋଗ ଆବଶ୍ୟକ। ସମାଜ ସେବା ହେଉଛି ଏକ ପ୍ରଭାବଶାଳୀ ପଥ। ଶିକ୍ଷାଗତ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଅଭିଯାନ, ପରିବେଶଗତ ପଦକ୍ଷେପ କିମ୍ବା ରିଲିଫ୍ କାର୍ଯ୍ୟକଳାପରେ ସ୍ୱେଚ୍ଛାସେବା ଯୁବପିଢ଼ିଙ୍କୁ ନେତୃତ୍ୱ ଦକ୍ଷତା ବିକାଶ କରିବା ସହିତ ସାମାଜିକ ଆହ୍ୱାନଗୁଡ଼ିକୁ ବୁଝିବାରେ ସାହାଯ୍ୟ କରେ। ଅନ୍ୟ ଏକ ପଥ ହେଉଛି ଶିକ୍ଷା ଏବଂ ଦକ୍ଷତା ବିକାଶ। ନେତୃତ୍ୱ ପାଇଁ ଜ୍ଞାନ ଆବଶ୍ୟକ। ଯୁବପିଢ଼ିଙ୍କୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ, ସାଧାରଣ ପ୍ରଶାସନ, ସାମାଜିକ କାର୍ଯ୍ୟ ଏବଂ ଉଦ୍ୟୋଗ ଭଳି କ୍ଷେତ୍ରରେ ବିଶେଷଜ୍ଞତା ବିକାଶ କରିବାକୁ ଉତ୍ସାହିତ କରାଯିବା ଉଚିତ।

ଇସଲାମ ଜ୍ଞାନ ଅନ୍ୱେଷଣ ଉପରେ ବହୁତ ଗୁରୁତ୍ୱ ଦିଏ। ଜ୍ଞାନ ଯୁବପିଢ଼ିଙ୍କୁ ସମସ୍ୟା ଚିହ୍ନଟ କରିବାକୁ ଏବଂ ସମାଜ ପାଇଁ ବ୍ୟବହାରିକ ସମାଧାନ ବିକଶିତ କରିବାକୁ ସଶକ୍ତ କରେ। ଆଧୁନିକ ସମାଜ ପ୍ରାୟତଃ ନେତୃତ୍ୱକୁ ଖ୍ୟାତି କିମ୍ବା କର୍ତ୍ତୃପକ୍ଷ ସହିତ ଜଡିତ କରିଥାଏ। ତଥାପି, ଇସଲାମ ସେବକ ନେତୃତ୍ୱକୁ ପ୍ରୋତ୍ସାହିତ କରେ। ପୈଗମ୍ବର ମହମ୍ମଦ ତାଙ୍କ ଜୀବନ ଲୋକଙ୍କୁ ସାହାଯ୍ୟ କରିବାରେ, ଗରିବଙ୍କୁ ସମର୍ଥନ କରିବାରେ, ବିବାଦ ସମାଧାନ କରିବାରେ ଏବଂ ସମ୍ପ୍ରଦାୟ ମଧ୍ୟରେ ଏକତା ଗଠନ କରିବାରେ ବିତାଇଥିଲେ। ଭବିଷ୍ୟତର ଯୁବ ନେତାମାନେ ଏହି ମଡେଲକୁ ଅନୁକରଣ କରି ଅବହେଳିତ ପିଲାମାନଙ୍କ ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମକୁ ସମର୍ଥନ କରି, ସ୍ୱଚ୍ଛତା/ପରିବେଶ ଅଭିଯାନ ଆୟୋଜନ କରି, ଆନ୍ତଃଧର୍ମ ଆଲୋଚନା ଏବଂ ସାମାଜିକ ସମନ୍ୱୟକୁ ପ୍ରୋତ୍ସାହିତ କରି, ସମାଜର ବୟସ୍କ କିମ୍ବା ଦୁର୍ବଳ ସଦସ୍ୟମାନଙ୍କୁ ସହାୟତା କରି, ସାକ୍ଷରତା ଏବଂ ଡିଜିଟାଲ୍ ସଚେତନତାକୁ ଉତ୍ସାହିତ କରି ସମାଜରେ ପରିବର୍ତ୍ତନ ଆଣିପାରିବେ। ଏହି କାର୍ଯ୍ୟକଳାପଗୁଡ଼ିକ ଛୋଟ ମନେହୁଏ, କିନ୍ତୁ ଏହା ଅର୍ଥପୂର୍ଣ୍ଣ ପରିବର୍ତ୍ତନ ସୃଷ୍ଟି କରିବା ସହିତ ସମ୍ପ୍ରଦାୟକୁ ମଜବୁତ କରେ।

ଆଜିର ଯୁବପିଢ଼ି ଭୁଲ ସୂଚନା, ପଦାର୍ଥ ଅପବ୍ୟବହାର ଏବଂ ବଢୁଥିବା ସାମାଜିକ ଧ୍ରୁବୀକରଣ ସମେତ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ନିଷ୍କ୍ରିୟ ପର୍ଯ୍ୟବେକ୍ଷକ ହେବା ପରିବର୍ତ୍ତେ, ଯୁବପିଢ଼ି ସମାଧାନର ଅଂଶ ହୋଇପାରିବେ। ସାମାଜିକ ଗଣମାଧ୍ୟମକୁ ଦାୟିତ୍ୱର ସହ ବ୍ୟବହାର କରି ଯୁବପିଢ଼ି ସଚେତନତା ପ୍ରସାର କରିପାରିବେ, ସକାରାତ୍ମକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିପାରିବେ ଏବଂ କ୍ଷତିକାରକ କାହାଣୀକୁ ପ୍ରତିହତ କରିପାରିବେ। ସେମାନେ ଆଲୋଚନା, ପରାମର୍ଶ କାର୍ଯ୍ୟକ୍ରମ ଏବଂ ସମ୍ପ୍ରଦାୟ ପଦକ୍ଷେପ ଆୟୋଜନ କରିପାରିବେ ଯାହା ଏକତା ଏବଂ ବୁଝାମଣାକୁ ଉତ୍ସାହିତ କରେ। କୁରାନ ସମାଜରେ ସକାରାତ୍ମକ ଅବଦାନ ରଖିବାକୁ ଇସଲାମର ଅନୁଗାମୀ ମାନଙ୍କୁ ଉତ୍ସାହିତ କରେ। ଏହା ସକ୍ରିୟ ସମ୍ପ୍ରଦାୟ ସମ୍ପର୍କ ଏବଂ ନୈତିକ ନେତୃତ୍ୱକୁ ମଧ୍ୟ ଗୁରୁତ୍ୱ ଦେଇଥାଏ। ନେତୃତ୍ୱ ଦକ୍ଷତା ସହିତ ଭଲ ଚରିତ୍ର ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ସଚ୍ଚୋଟତା, ଧୈର୍ଯ୍ୟ, ନମ୍ରତା ଏବଂ ଦାୟିତ୍ୱ ପ୍ରଭାବଶାଳୀ ନେତୃତ୍ୱର ମୂଳଦୁଆ ଗଠନ କରନ୍ତି। ପୟଗମ୍ବର ମହମ୍ମଦଙ୍କ ବିଶ୍ୱସନୀୟତା ଏବଂ ସାଧୁତା ଲୋକଙ୍କ ସମ୍ମାନ ଏବଂ ବିଶ୍ୱାସ ଅର୍ଜନ କରିଥିଲା। ଏହି ଗୁଣଗୁଡ଼ିକୁ ପାଳନ କରୁଥିବା ଯୁବକମାନେ ସମାଜକୁ ବିଭାଜିତ କରିବା ପରିବର୍ତ୍ତେ ଏକତା ଡୋରିରେ ବାନ୍ଧି ରଖନ୍ତି। ନେତାମାନେ ନୀତି ଏବଂ କରୁଣା ଦ୍ୱାରା ପରିଚାଳିତ ହେଲେ ସମ୍ପ୍ରଦାୟଗୁଡ଼ିକ ଲାଭାନ୍ୱିତ ହୁଅନ୍ତି।

ଯେକୌଣସି ସମାଜର ଭବିଷ୍ୟତ ଏହାର ଯୁବ ନେତାଙ୍କ ଗୁଣବତ୍ତା ଉପରେ ନିର୍ଭର କରେ। ଯୁବପିଢ଼ି ପାଇଁ ନେତୃତ୍ୱ ପଥ ନିର୍ମାଣ କରିବା କେବଳ ଭବିଷ୍ୟତର ରାଜନେତା କିମ୍ବା ପ୍ରଶାସକମାନଙ୍କୁ ପ୍ରସ୍ତୁତ କରିବା ବିଷୟରେ ନୁହେଁ; ଏହା ମଧ୍ୟ ଜ୍ଞାନ ଏବଂ କରୁଣା ସହିତ ସେମାନଙ୍କ ସମ୍ପ୍ରଦାୟର ସେବା କରିପାରିବେ ବୋଲି ଦାୟିତ୍ୱବାନ ବ୍ୟକ୍ତିମାନଙ୍କୁ ପୋଷଣ କରିବା ବିଷୟରେ ଉଦ୍ଦିଷ୍ଟ।

ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍
ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ଏମଏମଡିଆର ଆଇନ୍ ସମ୍ବିଧାନ ବିରୋଧୀ : କଂଗ୍ରେସ

ଭୁବନେଶ୍ୱର,୧୨/୯: କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସର ଜାତୀୟ ମୁଖପାତ୍ର ତଥା ଭାରତୀୟ ସଂଘୀୟ ବ୍ୟବସ୍ଥା ଉପରେ ପୁସ୍ତକ ରଚନା କରିଥିବା ଡକ୍ଟର ହମିଦ୍ ହୁସେନ୍ ଦାବି କରିଛନ୍ତି ଯେ ଏମଏମଡିଆର ଆଇନ୍ ସମ୍ବିଧାନ ବିରୋଧୀ ଅଟେ। ଡକ୍ଟର ହୁସେନ୍ କହିଛନ୍ତି ଯେ, ଯଦି ଏହାକୁ ସୁପ୍ରିମକୋର୍ଟରେ ଏକ 'ନ୍ୟାୟିକ ସମୀକ୍ଷା' ମାଧ୍ୟମରେ ଉପସ୍ଥାପନ କରାଯାଇ ସଠିକ୍ ଭାବେ ଉପସ୍ଥାପନ କରାଯାଏ, ତେବେ ଏହାକୁ ଅକାମୀ ବା ବାତିଲ ଘୋଷଣା କରାଯାଇପାରେ।

ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଥିଲେ। ସମ୍ବିଧାନର ଧାରାଗୁଡ଼ିକର ଉଦ୍ଧୃତି ଦେଇ ସେ କହିଥିଲେ ଯେ, ନ୍ୟାୟାଳୟର ନ୍ୟାୟିକ ସମୀକ୍ଷା କ୍ଷମତା ଧାରା ୧୩ (ଯାହା ସମ୍ବିଧାନ ବିରୋଧୀ ଆଇନ୍ ପ୍ରଣୟନକୁ ବାରଣ କରେ), ଧାରା ୩୨ (ଯାହା ଦେଶର ମୌଳିକ ଆଇନ୍ ବିରୁଦ୍ଧରେ ବିଧାନସଭା ବା କାର୍ଯ୍ୟପାଳିକାର ଯେକୌଣସି ମନମୁଖୀ କାର୍ଯ୍ୟ ବିରୁଦ୍ଧରେ ସାମ୍ବିଧାନିକ ପ୍ରତିକାର ପ୍ରଦାନ କରେ) ଏବଂ ଧାରା ୨୨୬ (ଯାହା ସମ୍ବିଧାନର ମୌଳିକ ଢାଞ୍ଚା ଓ ନୀତିକୁ ଉଲ୍ଲଂଘନ କରୁଥିବା ସଂସଦର ଯେକୌଣସି ଆଇନ୍‌କୁ ଅକାମୀ ଘୋଷଣା କରିବାର ଆଧାର ପ୍ରଦାନ କରେ) ରେ ନିହିତ ରହିଛି।

ଏମଏମଡିଆର ଆଇନ୍ ସମ୍ବିଧାନର ମୌଳିକ ସଂଘୀୟ ନୀତିକୁ ଉଲ୍ଲଂଘନ କରୁଛି। ଭାରତୀୟ ସମ୍ବିଧାନ ଭାରତକୁ ରାଜ୍ୟମାନଙ୍କର ଏକ ସଂଘ ଭାବରେ ଘୋଷଣା କରେ ଏବଂ ଅନୁଚ୍ଛେଦ ୨୪୬ କେନ୍ଦ୍ର ଓ ରାଜ୍ୟମାନଙ୍କୁ ସମ୍ବିଧାନର ସପ୍ତମ ଅନୁସୂଚୀ ଅନ୍ତର୍ଗତ ସେମାନଙ୍କ କ୍ଷେତ୍ରାଧିକାରରେ ଆସୁଥିବା ବିଷୟ ଉପରେ ଆଇନ୍ ପ୍ରଣୟନ କରିବାକୁ କ୍ଷମତା ପ୍ରଦାନ କରେ। ରାଜ୍ୟ ତାଲିକାର 'ଏଣ୍ଟ୍ରି ୫୦' (ରଭସ୍ୱକ୍ୱଛ ୫୦) ରାଜ୍ୟଗୁଡ଼ିକୁ ଖଣିଜ ଅଧିକାର ଉପରେ ଟିକସ ଲଗାଇବାର କ୍ଷମତା ପ୍ରଦାନ କରେ। ଏହାକୁ କେନ୍ଦ୍ର ତାଲିକାର 'ଏଣ୍ଟ୍ରି ୫୪' (ରଭସ୍ୱକ୍ୱଛ ୫୪) ସହିତ ତୁଳନାତ୍ମକ ଭାବେ ବିଚାର କରାଯିବା ଉଚିତ୍, ଯାହା ସଂସଦୀୟ ଆଇନ୍ ଦ୍ୱାରା ସ୍ପଷ୍ଟ ଭାବେ ଘୋଷିତ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣିର ନିୟନ୍ତ୍ରଣ ଓ ବିକାଶ ପାଇଁ କେନ୍ଦ୍ରକୁ କ୍ଷମତା ଦେଇଥାଏ। ଉଲ୍ଲେଖିତ ବ୍ୟବସ୍ଥାଗୁଡ଼ିକ କେନ୍ଦ୍ରକୁ ଟିକସ ଆଦାୟର ଅଧିକାର ଦିଏ ନାହିଁ, ବରଂ କେବଳ ନିୟନ୍ତ୍ରଣ ଓ ବିକାଶର ଅଧିକାର ଦେଇଥାଏ। ଟିକସ ଆଦାୟର ଅଧିକାର ରାଜ୍ୟମାନଙ୍କ ନିକଟରେ ଥାଏ। ଏମଏମଡିଆର ସଂଶୋଧନ ଆଇନ୍-୨୦୨୬, ଅତୀତ ପ୍ରଭାବ ସହିତ (retrospective effect) ଟିକସ, ସେସ୍ (ମରଗ୍ୱସ୍ୱ) କିମ୍ବା ସରଚାର୍ଜ (surcharge) ଲଗାଇବାର ରାଜ୍ୟମାନଙ୍କ ଅଧିକାରକୁ କାଢ଼ି ନେଇଛି। ଏହା ସୁପ୍ରିମକୋର୍ଟଙ୍କ ୨୦୨୪ ରାୟକୁ ଉପହାସ କରୁଛି, ଯାହା ଖଣିଜ ସମ୍ପଦ ସମ୍ପନ୍ନ ରାଜ୍ୟଗୁଡ଼ିକୁ ୨୦୦୫ ମସିହାରୁ ଟିକସ ଆଦାୟ କରିବାର ଅଧିକାର ଦେଇଥିଲା; ଏହି ରାୟ




ଅନୁଯାୟୀ ଓଡ଼ିଶା ପାଇବାକୁ ଥିବା ବକେୟା ଟିକସର ପରିମାଣ ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ହୋଇଥାନ୍ତା। ଏମଏମଡିଆର ଆଇନ୍ ଏହି ବିପୁଳ ପରିମାଣର ଅର୍ଥକୁ ନଷ୍ଟ କରିଦେଇଛି ଏବଂ ଓଡ଼ିଶା ଏହି ଅର୍ଥ ଫେରିପାଇ ପାରିବ ନାହିଁ। ଏହା ବ୍ୟତୀତ, ଓଡ଼ିଶା ପ୍ରତିବର୍ଷ ପାଉଥିବା ୧୨,୦୦୦ କୋଟି ଟଙ୍କାର ଟିକସ ମଧ୍ୟ ହରାଇବାକୁ ଯାଉଛି। ବିଶେଷକରି ବିସ୍ଥାପିତ ଅଞ୍ଚଳ ଏବଂ ଆଖପାଖ ଅଞ୍ଚଳରେ ରାସ୍ତା, ବିଦ୍ୟୁତକରଣ, ସ୍ୱାସ୍ଥ୍ୟ ସୁବିଧା ଓ ବିଦ୍ୟାଳୟ ଇତ୍ୟାଦି ଭଳି ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ଓ ପ୍ରଭାବିତ ହେବ। ଏମଏମଡିଆର ସଂଶୋଧନ ଆଇନ୍ ଜନସ୍ୱାର୍ଥ ବିରୋଧୀ ଅଟେ। ଯେକୌଣସି ସଂଶୋଧନ କିମ୍ବା ସୁଧାର ପାଇଁ ଜନସ୍ୱାର୍ଥ ହେଉ, ଝାଡ଼ଖଣ୍ଡ ଆଇନ ମାଧ୍ୟମରେ ଖଣି କ୍ଷେତ୍ରରୁ ବକେୟା ଥିବା ୨୬,୦୦୦ କୋଟି ଟଙ୍କା ଆଦାୟ କରିସାରିଛି, ଯାହା କରିବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶା ଏଥିରୁ ବଞ୍ଚିତ ହେବା ଉଚିତ୍ ନୁହେଁ; ଯୁକ୍ତିଯୁକ୍ତ ଭାବେ ଦେଖିଲେ, କୌଣସି ଆଇନ ପଛ ତାରିଖରୁ (ପୂର୍ବ ପ୍ରଭାବରୁ) ଲାଗୁ ନ ହୋଇ ଏହା ଜାରି ହେବା ତାରିଖରୁ ହିଁ ଲାଗୁ ହେବା ଉଚିତ୍। ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ସରକାର ଅନ୍ତତଃପକ୍ଷେ ଏକ ସର୍ବଦଳୀୟ ବୈଠକ ଡାକିବା ଏବଂ ବିଧାନସଭାରେ ଏକ ସଂକଳ୍ପ ପାରିତ କରାଇବା ସୁନିଶ୍ଚିତ କରିବା ଆବଶ୍ୟକ। ସବୁ କ୍ଷେତ୍ରରେ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଜ୍ୟର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍।

ଏହା ନ୍ୟାୟିକ ସମୀକ୍ଷା ପାଇଁ ଏକ ଉପଯୁକ୍ତ ମାମଲା। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ତିନୋଟି ଖଣିଜ ସମୃଦ୍ଧ ରାଜ୍ୟ - ଓଡ଼ିଶା, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ - ବିଜେପି ଶାସିତ ରାଜ୍ୟ, କେନ୍ଦ୍ର ବିରୋଧରେ ଯିବାର ସମ୍ଭାବନା କମ୍। କେବଳ ଝାଡ଼ଖଣ୍ଡରେ କଂଗ୍ରେସ ସମର୍ଥନରେ ସରକାର ଅଛି। ସମ୍ଭବତଃ ଝାଡ଼ଖଣ୍ଡ ଏକ ନ୍ୟାୟିକ ସମୀକ୍ଷା ମାମଲା ପାଇଁ ଉପଯୁକ୍ତ ଭାବରେ ପଦକ୍ଷେପ ନେବ ଏବଂ ସୁପ୍ରିମକୋର୍ଟ ଏହାକୁ ଅସାମ୍ବିଧାନିକ ଏବଂ ଅକାମୀ ଘୋଷଣା କରିପାରନ୍ତି। ଏହା ସଂଘୀୟ ନୀତିଗୁଡ଼ିକୁ ବଜାୟ ରଖିବା ପାଇଁ ଏକ ଐତିହାସିକ ରାୟ ହୋଇପାରେ।

## ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ଯାଜପୁର ସହଯୋଗରେ ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ମାତୃ-ଶିଶୁ ସେବାକୁ ଗୁରୁତ୍ୱ ଦେଇ ବିଭିନ୍ନ ଜନକଲ୍ୟାଣମୂଳକ ପ୍ରକଳ୍ପ ଲୋକାର୍ପିତ



ଯାଜପୁର,୧୨/୯: ଜିଲ୍ଲା ଖଣିଜ ପ୍ରତିଷ୍ଠାନ (DMF), ଯାଜପୁର ସହଯୋଗରେ ଖଣି ପ୍ରଭାବିତ ସୁକିନ୍ଦା ଓ ଦାନଗଦି ବ୍ଲକରେ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବିଭିନ୍ନ ଜନକଲ୍ୟାଣମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଲୋକାର୍ପଣ ହୋଇଛି।

ଏହି ଅବସରରେ ସମବାୟ ବିଭାଗର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ।

ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡିଏମଏଫ୍ ସହଯୋଗରେ ନୂତନ ମାଗଣା ଡାଏଲିସିସ୍ ସେବା କେନ୍ଦ୍ରର ଶୁଭ ଉଦଘାଟନ କରାଯାଇଥିଲା। ସେହିପରି 'ନିର୍ମଳ ବିନ୍ଦୁ ଆଇଓଟି' ଆଧାରିତ ବିଶୁଦ୍ଧ ପାନୀୟ ଜଳ ବିଶୋଧନ ପ୍ରକଳ୍ପ ଦାନଗଦି ବ୍ଲକ ଅନ୍ତର୍ଗତ ଚାନ୍ଦିଆ ଗ୍ରାମ ପଞ୍ଚାୟତର ଭରଡାପଶି, ଦେଉଳକଣ ଗ୍ରାମ ପଞ୍ଚାୟତର ପାଟବାଲି ଏବଂ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ କଳରଙ୍ଗଟିଆ ଏବଂ କାଳିଆପାଣି ପଞ୍ଚାୟତରେ ଲୋକାର୍ପିତ ହୋଇଥିଲା। କାଳିଆପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ମା' ଗୃହ ଓ ଶିଶୁ ସମୃଦ୍ଧି କେନ୍ଦ୍ର (ପୁଷ୍ଟି ପୁନର୍ବାସ କେନ୍ଦ୍ର)ର ମଧ୍ୟ ଶୁଭ ଉଦଘାଟନ କରାଯାଇଥିଲା। ଏହି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କ ସେବା ସହ ପୁଷ୍ଟିହୀନ ଶିଶୁମାନଙ୍କୁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇ ଦିଆଯିବ।କାଳିଆପାଣି ସ୍ଥିତ ଚଣ୍ଡୀମାତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ସହ ଲୋକଙ୍କ ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଜୀବନମାନର ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ। ଡିଏମଏଫ୍ ମାଧ୍ୟମରେ ଏଭଳି ଜନକଲ୍ୟାଣମୂଳକ ପ୍ରକଳ୍ପ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

ସମ୍ମାନିତ ଅତିଥି ମାନ୍ୟବର ଲୋକସଭା ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଡିଏମଏଫର ସୁବିନିଯୋଗ ଅତ୍ୟନ୍ତ ଆବଶ୍ୟକ। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ମାତୃ-ଶିଶୁ କଲ୍ୟାଣ ଭଳି କ୍ଷେତ୍ରରେ ଏଭଳି ପ୍ରକଳ୍ପ ଲୋକଙ୍କ ଜୀବନମାନରେ ସକାରାତ୍ମକ ପରିବର୍ତ୍ତନ ଆଣିବ।ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କହିଥିଲେ ଯେ, ଖଣି ପ୍ରଭାବିତ ଅଞ୍ଚଳର ଆବଶ୍ୟକତାକୁ ପ୍ରାଥମିକତା ଦେଇ ଡିଏମଏଫ୍ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଉଛି। ଏହି ପ୍ରକଳ୍ପଗୁଡ଼ିକର ସୁଫଳ ଯେପରି ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟରେ କାର୍ଯ୍ୟ ଜାରି ରହିଛି।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗ ନଗର) ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ସ୍ଥାନୀୟ ବ୍ଲକର ବିଡିଓ, ବିଭାଗୀୟ ଅଧିକାରୀ, ଡିଏମଏଫ୍ ଅଧିକାରୀଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ମାତୃ-ଶିଶୁ କଲ୍ୟାଣ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଉଗରର ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ।

## ବ୍ରହ୍ମପୁରରେ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ

ବ୍ରହ୍ମପୁର,୧୨/୯: ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଗଞ୍ଜାମ ସମେତ ୫ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ରହ୍ମପୁର ରେଳ ଷ୍ଟେସନରୁ ଏହି ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରାଯାଇଛି।ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ଧାଡ଼ିର ଶେଷରେ ଥିବା ଲୋକଙ୍କ କଲ୍ୟାଣକୁ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଆର୍ଥିକ ଦୁର୍ବଳତା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦେଶର ପ୍ରମୁଖ ତୀର୍ଥସ୍ଥାନ ପରିଦର୍ଶନ କରିବାରୁ ବଞ୍ଚିତ ହେଉଥିଲେ, ସରକାରଙ୍କ ସହାୟତା ଯୋଗୁଁ ଆଜି ସେମାନଙ୍କର ସେହି ଇଚ୍ଛା ପୂରଣ ହୋଇପାରୁଛି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଏହାର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ସେ କହିଥିଲେ।




ଏହି ଯାତ୍ରାରେ ତୀର୍ଥଯାତ୍ରୀମାନେ ବାରାଣସୀର ପବିତ୍ର ଗଙ୍ଗା ଘାଟ, ବିଭିନ୍ନ ଶୈବ ପୀଠ, ଗଙ୍ଗା ଆରତି ଓ କାଶୀ ବିଶ୍ୱନାଥ ମନ୍ଦିର ଦର୍ଶନ କରିବା ସହ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ସାନ୍ନିଧ୍ୟ ଲାଭ କରିବେ। ତୀର୍ଥଯାତ୍ରୀଙ୍କ ଯାତ୍ରା ସମୟରେ ସମସ୍ତ ପ୍ରକାର ସୁବିଧା ଓ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଏସ୍କର୍ଟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ।ଏହି ତୀର୍ଥଯାତ୍ରାରେ ଗଜପତି ଜିଲ୍ଲାରୁ ୭୨ ଜଣ, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଏବଂ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି।

କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫ ରାତି ଓ ୬ ଦିନର ଏହି ଯାତ୍ରା ସୁଖମୟ ଓ ଆନନ୍ଦମୟ ହେଉ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ। ସେମାନେ କହିଥିଲେ ଯେ, ଆର୍ଥିକ ଅସୁବିଧା ଯୋଗୁଁ ଯେଉଁ ବରିଷ୍ଠ ନାଗରିକମାନେ ଦୀର୍ଘଦିନ ଧରି ତୀର୍ଥଯାତ୍ରାର ସୁଯୋଗ ପାଇପାରୁନଥିଲେ, ସରକାରଙ୍କ ଏହି ଯୋଜନା ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛି।ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଓ୍ୱାସନ୍ ସ୍ୱାଗତ ଭାଷଣ ଦେଇ ତୀର୍ଥଯାତ୍ରୀମାନଙ୍କୁ ତୀର୍ଥର ଆନନ୍ଦ ଉପଭୋଗ କରିବା ସହ ମନ ଓ ଶରୀରକୁ ପ୍ରଫୁଲ୍ଲ ରଖିବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆଇଆରସିଟିସି ରିଜିଓନାଲ ମ୍ୟାନେଜର ଅନୁଜ ଦତ୍ତ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରଙ୍କ ଏହି ପଦକ୍ଷେପ ଓ ବ୍ୟବସ୍ଥା ପାଇଁ ତୀର୍ଥଯାତ୍ରୀମାନେ ଖୁସି ବ୍ୟକ୍ତ କରିବା ସହ ଯାତ୍ରାକୁ ନେଇ ଉତ୍ସାହ ପ୍ରକାଶ କରିଥିଲେ। ଯାତ୍ରୀମାନଙ୍କର ସ୍ୱାଗତ ଓ ମନୋରଞ୍ଜନ ପାଇଁ ଷ୍ଟେସନରେ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଆୟୋଜନ ହୋଇଥିଲା।

ଗୁରୁବାର ରାତିରେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ କରାଯାଇ ସେମାନଙ୍କ ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ଓ ଭୋଜନ ଆଦିର ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା।

## ମହାପ୍ରଭୁ ଜଗନ୍ନାଥଙ୍କ ଜମି ହାତେଇଛନ୍ତି ଖୋଦ୍ ଆଇନମନ୍ତ୍ରୀଙ୍କ ପରିବାର : କଂଗ୍ରେସ

## ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଜମି ହାତେଇନାହାନ୍ତି ବୋଲି ଆଇନମନ୍ତ୍ରୀ ସତ୍ୟପାଠ କରିପାରିବେ କି: ପଞ୍ଚାନନ

ଭୁବନେଶ୍ୱର,୧୨/୯: ଦେଶରେ, ଏପରିକି ବିଦେଶରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶହଶହ କୋଟି ଟଙ୍କା ମୂଲ୍ୟର ଜମି ରହିଛି। ତେବେ ସେଗୁଡ଼ିକ ମଧ୍ୟରୁ ଅନେକ ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଜବରଦଖଲରେ ରହିଛି। ସେସବୁ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦୂରେ ଥାଉ, ନିଜେ ଖୋଦ୍ ଆଇନମନ୍ତ୍ରୀଙ୍କ ପରିବାର ଜବରଦଖଲରେ ଲିପ୍ତ ଅଛନ୍ତି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ଅଭିଯୋଗ କରିଛି।

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ.ପଞ୍ଚାନନ କାନୁନଗୋ କହିଲେ, ଯାହା ହାତରେ ଚାବିକାଠି, ସେ ସବୁ ପ୍ରକାର ସନ୍ଦେହରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଆଇନମନ୍ତ୍ରୀ ମହାପ୍ରଭୁଙ୍କ ମୂଲ୍ୟବାନ ଜମି ହାତେଇଥିବା ଅଭିଯୋଗ ଆସିଥିବାରୁ ସେ ଅବିଳମ୍ବେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରନ୍ତୁ। ସେ ମହାପ୍ରଭୁଙ୍କ ଜମି ହାତେଇନାହାନ୍ତି ବୋଲି ସତ୍ୟପାଠ କରିପାରିବେ କି ଏହାଛଡ଼ା, ମହାପ୍ରଭୁଙ୍କ କେତେ ଜମି କେଉଁଠି ଅଛି, ସେ ନେଇ ସରକାର ଏକ ସ୍ୱେତପତ୍ର ଜାରି କରିପାରିବେ କି ଏହା କରିବା ତ ଦୂରର କଥା, ସରକାର ମହାପ୍ରଭୁଙ୍କ ବିଷୟରେ କୌଣସି କଥା ସାର୍ବଜନୀନ କରିବାକୁ ଚାହାନ୍ତି ନାହିଁ। ରତ୍ନଭଣ୍ଡାର ଗଣତିମଣତି ରିପୋର୍ଟ ସାର୍ବଜନୀନନ ନ କରିବାକୁ ସରକାରଙ୍କ ନିଷ୍ପତ୍ତି ପଛରେ କି ଉଦ୍ଦେଶ୍ୟ ଅଛି ବୋଲି ଡ. କାନୁନଗୋ ପ୍ରଶ୍ନ କରିଛନ୍ତି।

ସେ ଗଭୀର ଉଦବେଗ ପ୍ରକାଶ କରି ପୁଣି କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଣ୍ଡଳର ଆଇନମନ୍ତ୍ରୀଙ୍କ ପରିବାର ମାଲିକାନାରେ ମହାପ୍ରଭୁଙ୍କ ସମ୍ପତ୍ତି ଅଛି କି ନାହିଁ ଏହା ସ୍ପଷ୍ଟ ହେବା ଦରକାର କ୍ଷ ଏ ବାବଦରେ ଆଇନ ମନ୍ତ୍ରୀ ଏକ ସତ୍ୟପାଠ ମାଧ୍ୟମ ରେ ଓଡିଶା ବାସୀ ଙ୍କ ନିକଟରେ ନିଜ ସ୍ୱଚ୍ଛତା ପ୍ରକାଶ କରିବା ଆବଶ୍ୟକ ।




ଅନ୍ୟତମ ମୁଖପାତ୍ର ଲଲାଟେନ୍ଦୁ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି ଯେ ମହାପ୍ରଭୁଙ୍କ ୧୦୦ ଟି ଖଣିର ନିଲାମ ତିନି ବର୍ଷ ଧରି ବନ୍ଦ ହେବା ଯୋଗୁଁ ଶ୍ରୀଜଗନ୍ନାଥଙ୍କ ପ୍ରାୟ ୧୦୦ କୋଟି ରାଜସ୍ୱ ହାନି ହୋଇଛି କ୍ଷ କେବଳ ମିଥ୍ୟା ପ୍ରଚାର ମାଧ୍ୟମରେ ମହାପ୍ରଭୁଙ୍କ ସମ୍ପତ୍ତି ର ରକ୍ଷଣାବେକ୍ଷଣ ହେଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି କ୍ଷ ମହାପ୍ରଭୁଙ୍କ ବହୁ ମୂଲ୍ୟବାନ ସମ୍ପତ୍ତି କୁ ରାଜ୍ୟ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନର ଜାଣତରେ ପ୍ଲଟିଙ୍ଗ ସ୍କିମ କରି ବିକ୍ରି ଚାଲିଛି ।

ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ସ୍ଥାୟୀ ମୁଖ୍ୟ ପ୍ରଶାସକଙ୍କ ନିଯୁକ୍ତି ନ କରି ଜଣେ ଅଫିସରଙ୍କୁ ରାଜସ୍ୱ ବିଭାଗର ପ୍ରମୁଖ ସଚିବ କରିବା ସହ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦେଇ ମହାପ୍ରଭୁ ଜଗନ୍ନାଥଙ୍କ ଜମି ହରିଲୁଟ୍ ପାଇଁ ଆଇନ୍ ମନ୍ତ୍ରୀ ଓ ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ କି ମଧୁ ଚନ୍ଦ୍ରିକା ରହିଛି ପ୍ରଶ୍ନ କରିବା ସହ ରତ୍ନ ଅଳଙ୍କାରର ଗଣତି ମଣତିର ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିଛନ୍ତି। ରତ୍ନ ଭଣ୍ଡାର ଚାବି ଚୋରିର ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ କାହିଁକି ବିଧାନ ସଭାରେ ସାର୍ବଜନୀନ କରାଯାଉ ନାହିଁ ବୋଲି ସରକାରଙ୍କୁ ଭର୍ତ୍ସନା କରିବା ସହ ସାର୍ବଜନୀନ ପାଇଁ ଦାବି ରଖିଛନ୍ତି ମୁଖପାତ୍ର ଶ୍ରୀମତୀ ପାତ୍ର।

### ଡିଜିଟାଲ୍ ଯୁଗରେ ନୂଆ ରୂପରେ ରାଜସ୍ୱ ପର୍ଷଦ

# ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ରାଜସ୍ୱ ପର୍ଷଦର ନୂତନ ୱେବସାଇଟ୍ ଓ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ

ଭୁବନେଶ୍ୱର,୧୨/୯: ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଂଗଠିତ ଓ ନାଗରିକମୁଖୀ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୁପ ଆଜି ରାଜସ୍ୱ ପର୍ଷଦ, ଓଡ଼ିଶାର ନୂତନ ୱେବସାଇଟ୍ ଏବଂ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରାଯାଇଛି । ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏହି ନୂତନ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ରାଜସ୍ୱ ପର୍ଷଦର ମାନ୍ୟବର ସଦସ୍ୟ ଶ୍ରୀ ସତ୍ୟବ୍ରତ ସାହୁ, ରାଜସ୍ୱ ପର୍ଷଦର ସଚ଼ିବ ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ ତଥା ରାଜସ୍ୱ ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଓ କର୍ମଚ଼ାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଏହି ଦୁଇଟି ପଦକ୍ଷେପ କେବଳ ଏକ ନୂତନ ୱେବସାଇଟ୍ କିମ୍ବା ଏକ ନୂତନ ପ୍ରକାଶନର ଆରମ୍ଭ ନୁହେଁ ; ବରଂ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତି, ସୂଚ଼ନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ ଭାବେ ଉପଲବ୍ଧ କରାଇବାର ଏକ ନୂତନ ଅଧ୍ୟାୟ କ୍ଷ ରାଜସ୍ୱ ପର୍ଷଦ, ଓଡ଼ିଶାର ଏକ ଦୀର୍ଘ ଓ ଗୌରବମୟ ପ୍ରଶାସନିକ ଐତିହ୍ୟ ରହିଛି । ରାଜ୍ୟର ରାଜସ୍ୱ ପ୍ରଶାସନର ବିକାଶ ସହିତ ଏହି ପ୍ରତିଷ୍ଠାନର ଭୂମିକା ଗଭୀର ଭାବେ ଜଡ଼ିତ । ଜମି, ଭୂ-ଅଭିଲେଖ, ଅଧିକାର, ରାଜସ୍ୱ ଆଇନ ଓ ଜମିଜମା ସମ୍ବନ୍ଧୀୟ ବିବାଦର ସମାଧାନ କ୍ଷେତ୍ରରେ ରାଜସ୍ୱ ପର୍ଷଦ ଏକ ଗୁରୁତ୍ୱପୂର୍ଣ୍ଣ ଶୀର୍ଷ ପ୍ରତିଷ୍ଠାନ ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଆସିଛି କ୍ଷ ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲା ଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା ନିମନ୍ତେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଏଥିସହିତ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ମାମଲାର ତ୍ୱରିତ ବିଚ଼ାର ଏବଂ ଫଇସଲା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ରାଜସ୍ୱ ପ୍ରଶାସନକୁ କ୍ରିୟାଶୀଳ କରିବା ଦିଗରେ ରାଜସ୍ୱ ପର୍ଷଦର ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱାରୋପ କରିବା ସହ ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା



ଏବଂ ପୁନରୁଦ୍ଧାର ଦିଗରେ ରାଜସ୍ୱ ପର୍ଷଦଙ୍କ ତ୍ୱରିତ, ନିରପେକ୍ଷ ଏବଂ ସକରାତ୍ମକ ନିଷ୍ପତ୍ତି ନିମନ୍ତେ ସାଧୁବାଦ ଜଣାଇଥିଲେ ।

ସେହିପରି ନୂତନ ପ୍ରକାଶିତ ଜର୍ଣ୍ଣାଲ୍ ରାଜସ୍ୱ ବିଭାଗର ବିଭିନ୍ନସ୍ତରରେ ଅଧିକାରୀଗଣ ନିୟମିତ ଅଧ୍ୟୟନ କରିବା ଦିଗରେ ଗୁରୁତ୍ୱାରୋପ କରି ଏହି ଜର୍ଣ୍ଣାଲର ମାର୍ଗଦର୍ଶନରେ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମାନ୍ୟବର ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

ସେହିପରି ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ ଶ୍ରୀ ସତ୍ୟବ୍ରତ ସାହୁ କହିଥିଲେ ଯେ, ରାଜସ୍ୱ ପର୍ଷଦର ପ୍ରଶାସନିକ ଐତିହ୍ୟ ସହିତ ଆଧୁନିକ ପ୍ରଯୁକ୍ତିର ସମନ୍ୱୟର ଏକ ନୂତନ ଆରମ୍ଭର ଫଳପ୍ରସୂ ପରିଣାମ ଆଜିର ନୂତନ ୱେବସାଇଟର ଶୁଭାରମ୍ଭ । ନୂତନ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକଳାପ, ଶାଖା ଓ ବିଭାଗ ସମ୍ପର୍କରେ ଆବଶ୍ୟକ ସୂଚ଼ନାକୁ ଏକ ସୁସଂଗଠିତ ଡିଜିଟାଲ୍ ମଞ୍ଚରେ ଉପଲବ୍ଧ କରାଯାଇଛି । ଏହା ସହିତ ଭୂ-ସଂସ୍କାର ଆୟୁକ୍ତ, ଭୂ-ଅଭିଲେଖ ଓ ବନ୍ଦୋବସ୍ତ ଆୟୁକ୍ତ, ଚ଼କବନ୍ଦୀ ଏବଂ ନିବନ୍ଧନ ମହାନିରୀକ୍ଷକଙ୍କ ଭଳି ପ୍ରମୁଖ ରାଜସ୍ୱ ସଂସ୍ଥା ସମ୍ପର୍କରେ ମଧ୍ୟ ସୂଚ଼ନାକୁ ସହଜରେ ଉପଲବ୍ଧ କରାଯାଇଛି ।

ଅନ୍ୟପକ୍ଷରେ, ରାଜସ୍ୱ ପର୍ଷଦ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ଜର୍ଣ୍ଣାଲ ରାଜସ୍ୱ ନ୍ୟାୟ ବ୍ୟବସ୍ଥାରେ ଏକ ନୂତନ ଜ୍ଞାନଭିତ୍ତିକ ପଦକ୍ଷେପ ଭାବେ ପରିଗଣିତ ହେବ । ଜର୍ଣ୍ଣାଲ କେବଳ ଏକ ପ୍ରକାଶନ ନୁହେଁ ; ଏହା ରାଜସ୍ୱ ଆଇନର ପ୍ରୟୋଗ, ନ୍ୟାୟିକ ନିଷ୍ପତ୍ତିର ଧାରା ଏବଂ ବିଭିନ୍ନ ଜମିଜମା ସମ୍ବନ୍ଧୀୟ ଜଟିଳ ପ୍ରସଙ୍ଗରେ ଏକ ମୂଲ୍ୟବାନ ମାର୍ଗଦର୍ଶିକା ।

ପ୍ରକାଶ ଥାଉ କି, ପୂର୍ବରୁ ରାଜସ୍ୱ ପର୍ଷଦର ଜର୍ଣ୍ଣାଲ୍ ସାଧାରଣତଃ ବାର୍ଷିକ ଭିତ୍ତିରେ ପ୍ରକାଶ ପାଉଥିଲା । ଗୁରୁତ୍ୱପୂର୍ଣ୍ଣ ମାମଲାର ନିଷ୍ପତ୍ତି ସଂଖ୍ୟା ଅପେକ୍ଷାକୃତ କମ୍ ଥିବାରୁ ବର୍ଷ ଶେଷରେ ଗୁରୁତ୍ୱପୂର୍ଣ୍ଣ ଆଦେଶଗୁଡ଼ିକୁ ସଂଗ୍ରହ କରି ବାର୍ଷିକ ସଂକଳନ ଆକାରରେ ପ୍ରକାଶ କରାଯାଉଥିଲା । ମାତ୍ର ଆଠ(୮) ମାସ ମଧ୍ୟରେ ରାଜସ୍ୱ ପର୍ଷଦ ଅଧୀନରେ କାର୍ଯ୍ୟରତ ୪୧ଟି ଜରଙ୍ଗସଡ୍ସସକ୍ଟଭବକ୍ଷ ଉକ୍ଟଙ୍କକ୍ସଗ୍ଧ ଦ୍ୱାରା ପ୍ରାୟ ୧୧,୦୦୦ଟି ମାମଲାର ନିଷ୍ପତ୍ତି ହୋଇଛି । ଏହି ବୃଦ୍ଧିପ୍ରାପ୍ତ ମାମଲା ନିଷ୍ପତ୍ତିର ଗତି ହିଁ ବାର୍ଷିକ ଜର୍ଣ୍ଣାଲ ପ୍ରକାଶନ ପ୍ରଣାଳୀରେ ପରିବର୍ତ୍ତନ ଆଣି ତ୍ରୈମାସିକ ଜର୍ଣ୍ଣାଲ ପ୍ରକାଶ କରିବାର ପ୍ରେରଣା ଦେଇଛି । ଏଥିନିମନ୍ତେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ଉତ୍ସାହପ୍ରଦାନ ପ୍ରକାରାନ୍ତରେ ଜର୍ଣ୍ଣାଲ୍ ପ୍ରକାଶନ ଦିଗରେ ପ୍ରମୁଖ ଉତପ୍ରେରକ ସାଜିଛି ।

ସୂଚ଼ନାଯୋଗ୍ୟ ଯେ, ଏହି ଜର୍ଣ୍ଣାଲରେ ରାଜସ୍ୱ ଆଇନ, ଜମିଜମା ବିବାଦ, ରେକର୍ଡ ସଂଶୋଧନ, ଜମିର କିସମ, ସ୍ୱତ୍ୱ, ଦଖଲ, ମ୍ୟୁଟେସନ, ଲିଜ୍, ସରକାରୀ ଜମି ଏବଂ ଅନ୍ୟାନ୍ୟ ଜଟିଳ ରାଜସ୍ୱ ପ୍ରସଙ୍ଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଓ ଦୃଷ୍ଟାନ୍ତମୂଳକ ଆଦେଶଗୁଡ଼ିକ ସ୍ଥାନ ପାଇବ । ଏହା ଫଳରେ ରାଜସ୍ୱ ପର୍ଷଦର ନିଷ୍ପତ୍ତିଗୁଡ଼ିକ ତଳସ୍ତରର ରାଜସ୍ୱ ଅଦାଲତ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ପାଇଁ ସହଜରେ ଉପଲବ୍ଧ ଏକ ପ୍ରାମାଣିକ ସନ୍ଦର୍ଭ ଭାବେ କାର୍ଯ୍ୟ କରିବ ।

ଜଣେ ତହସିଲଦାର, ଅତିରିକ୍ତ ତହସିଲଦାର, ଉପଜିଲ୍ଲାପାଳ କିମ୍ବା ଅନ୍ୟ କୌଣସି ରାଜସ୍ୱ ଅଧିକାରୀ ଯେତେବେଳେ ଏକ ଜଟିଳ ରାଜସ୍ୱ ମାମଲାର ନିଷ୍ପତ୍ତି ନେବେ, ସେତେବେଳେ ସମାନ ପ୍ରକୃତିର ମାମଲାରେ ରାଜସ୍ୱ ପର୍ଷଦର ଦୃଷ୍ଟିକୋଣ ଓ ନିଷ୍ପତ୍ତି ତାଙ୍କ ପାଇଁ ଏକ ମୂଲ୍ୟବାନ ମାର୍ଗଦର୍ଶିକା ହୋଇପାରିବ । ଏହା ଆଇନର ସଠିକ୍ ପ୍ରୟୋଗ, ନିଷ୍ପତ୍ତିରେ ସାମଞ୍ଜସ୍ୟ ଏବଂ ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧିରେ ସହାୟକ ହେବ ।

ଏହି ଦୁଇଟି ପଦକ୍ଷେପ ; ନୂତନ ୱେବସାଇଟ୍ ଓ ତ୍ରୈମାସିକ ଜର୍ଣ୍ଣାଲ ପରସ୍ପର ପରିପୂରକ । ୱେବସାଇଟ୍ ସୂଚ଼ନାକୁ ନାଗରିକଙ୍କ ନିକଟକୁ ନେଇଯିବାବେଳେ ଜର୍ଣ୍ଣାଲ ରାଜସ୍ୱ ନ୍ୟାୟର ଅନୁଭୂତି ଓ ଜ୍ଞାନକୁ ରାଜସ୍ୱ ପ୍ରଶାସନର ବିଭିନ୍ନ ସ୍ତରରେ ପହଞ୍ଚାଇବ ।

ଏହି ଅବସରରେ ନୂତନ ୱେବସାଇଟ୍ ଏବଂ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ ପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କୁ ରାଜସ୍ୱ ପର୍ଷଦ ପକ୍ଷରୁ ଆନ୍ତରିକ କୃତଜ୍ଞତା ଜଣାଯିବା ସହିତ ଶ୍ରୀ ସତ୍ୟବ୍ରତ ସାହୁ,ସଦସ୍ୟ, ରାଜସ୍ୱ ପର୍ଷଦ, ସଚ଼ିବ ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ ଏବଂ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚ଼ାରୀଙ୍କୁ ଅଭିନନ୍ଦନ ଜଣାଯାଇଛି ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ତରଫରୁ ପାଳିତ ହେବ ସେବା ସଂକଳ୍ପ ଅଭିଯାନ



କେନ୍ଦ୍ରାପଡ଼ା ୧୨/୯: କେନ୍ଦ୍ରାପଡ଼ା ଚ଼ଳିତ ୧୭ ସେପ୍ଟେମ୍ବର ରୁ ଆସନ୍ତା ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଜନ୍ମ ଦୀବଷ ଉପଲକ୍ଷେ ଜିଲ୍ଲା BJP ପାଳନ କରିବ ସେବା ସଂକଳ୍ପ ଅଭିଯାନ, ଏ ନେଇ ଆଜି ଜିଲ୍ଲା ପାର୍ଟି ଅଫିସ୍ ରେ ଜିଲ୍ଲା ସଭାପତି ଶ୍ରୀ ଶଶାଙ୍କ ଶେଖର ସେଠି ଙ୍କ ତତ୍ୱାବଧାନରେ ମହାକାଳପଡ଼ା ର ଲୋକ ପ୍ରିୟ ବିଧାୟକ ଶ୍ରୀ ଦୁର୍ଗା ପ୍ରଶନ୍ନ ନାୟକଙ୍କ ଉପସ୍ଥିତ ରେ ଏବଂ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଙ୍କ ଯୋଗଦାନ ରେ ଏକ ପ୍ରେସ୍ ମିଟ କରାଯାଇଥିଲା ।ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ଆଶୀର୍ବାଦ ଦୀପ,ମୋ ସ୍ୱପ୍ନର ଭାରତ,ନମୋ ସେବା ଅକୁହା କାହାଣୀ,ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ,ସେବା ର କାହାଣୀ ,ସେବା ଜ୍ୟୋତି କଳସ ଯାତ୍ରା,ସେବା ମୋର ଯୋଗ ଦାନ,ସେବା ସେତୁ ଅଭିଯାନ, ରଙ୍ଗୋଲି ରାଷ୍ଟ୍ର ,ଓ୍ୱାଡ ନଗର ବାରଣସୀ ସେବା ଯାତ୍ରା,ସେବା ଫାଷ୍ଟ ଇନୋଭେସନ୍ ଚ଼୍ୟାଲେଞ୍ଜ ଏବଂ ସୁଶାସନ ସେବା ସଂବାଦ ବିଷୟରେ ସମ୍ୟକ ସୂଚ଼ନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆଗାମୀ ଦିନରେ କିପରି ସୂଚ଼ାରୁରୂପେ ରୂପାୟନ କରାଯାଇପାରିବ ସେ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ ।

### ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗର ପ୍ରବେଶୋତ୍ସବ ଅନୁଷ୍ଠିତ

## ସମାଜ ଆମ ଯୋଗାଯୋଗ ପଦ୍ଧତିକୁ ଆକାର ଦେଇଥାଏ: ଶ୍ରୀ ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, ୧୨/୯ (ପିଆଇବି):ଭୁବନେଶ୍ୱର ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ଆଜି 'ଯୋଗାଯୋଗ ଓ ପ୍ରଶାସନର ସମାଜଶାସ୍ତ୍ର' ବିଷୟବସ୍ତୁ ଉପରେ ଆଲୋଚ଼ନାଚ଼କ୍ର ଅନୁଷ୍ଠିତ ହୋଇଛି ।

ଭୁବନେଶ୍ୱରସ୍ଥିତ ପତ୍ର ସୂଚ଼ନା କାର୍ଯ୍ୟାଳୟ (ପିଆଇବି)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସମାଜଶାସ୍ତ୍ର ଓ ଯୋଗାଯୋଗ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ସାମାଜିକ ଢାଞ୍ଚା, ପରିଚ଼ୟ, ସମ୍ପର୍କ ଏବଂ ସାଂସ୍କୃତିକ ପରିଦୃଶ୍ୟ କିପରି ଲୋକଙ୍କ




ଯୋଗାଯୋଗ ଏବଂ ବାର୍ତ୍ତା ପ୍ରସାରର ପଦ୍ଧତିକୁ ପ୍ରଭାବିତ କରିଥାଏ ତାହା ସେ ବିସ୍ତୃତ ଭାବେ କହିଥିଲେ । ଯୋଗାଯୋଗକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସମାଜକୁ ବୁଝିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ସହିତ ମତ ବିନିମୟ କରିଥିଲେ ଏବଂ ସମାଜଶାସ୍ତ୍ର ଓ ଯୋଗାଯୋଗର ବିଭିନ୍ନ ଦିଗ ଉପରେ ନିଜର ବିଚ଼ାର ବ୍ୟକ୍ତ କରିଥିଲେ । ଯୋଗାଯୋଗକୁ ଏକ ବ୍ୟାପକ ସାମାଜିକ ଦୃଷ୍ଟିକୋଣରୁ ଦେଖିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ତଥା ମୁଖ୍ୟ ପ୍ରଫେସର ରବୀନ୍ଦ୍ର ଗରଡ଼, ସମାଜ ଓ ଶାସନ ବ୍ୟବସ୍ଥାକୁ ବୁଝିବାରେ ଯୋଗାଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ । ସେ ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ସାମ୍ପ୍ରତିକ ସାମାଜିକ ପ୍ରସଙ୍ଗଗୁଡ଼ିକ ସହ ଜଡ଼ିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡକ୍ଟର ଚ଼ିତ୍ରସେନ ପସାୟତ ପ୍ରଶାସନ କ୍ଷେତ୍ରରେ ତାଙ୍କ ଅଭିଜ୍ଞତା ବାଣ୍ଟିଥିଲେ । ସେ ପ୍ରଶାସନିକ ଯୋଗାଯୋଗର ପରିବର୍ତ୍ତିତ ପ୍ରକୃତି ବିଷୟରେ କହିଥିଲେ । ତାଙ୍କର ପ୍ରାରମ୍ଭିକ ସାର୍ବଜନୀନ ସେବା ସମୟରେ ଯୋଗାଯୋଗ କିପରି ପାରମ୍ପରିକ ଏବଂ ଏକପାଖିଆ ଥିଲା ତାହା ସେ ଉଲ୍ଲେଖ କରିଥିଲେ । ସେ କହିଥିଲେ, ବର୍ତ୍ତମାନ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଏହାକୁ ଦ୍ରୁତ, ପାରସ୍ପରିକ ଏବଂ ଅଧିକ ଅଂଶଗ୍ରହଣକାରୀ କରିଛି ।

ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବିଶେଷଜ୍ଞମାନଙ୍କ ସହ ଆଲୋଚ଼ନା କରିବା ଲାଗି ସୁଯୋଗ ଦେଇଥିଲେ । ସେମାନେ ଯୋଗାଯୋଗ, ସମାଜ ଓ ଶାସନ ବ୍ୟବସ୍ଥାର ପରିବର୍ତ୍ତନଶୀଳ ଦିଗଗୁଡ଼ିକ ସମ୍ପର୍କରେ ଗଭୀର ଜ୍ଞାନ ଆହରଣ କରିବାକୁ ସକ୍ଷମ ହୋଇଥିଲେ ।

# ବିଆଇଏସ ବିକୁଛି ଏମସ ଚ଼ାକିରି, ଏମସ୍‌ରେ ସାଂଘାତିକ ନିଯୁକ୍ତି ଦୁର୍ନୀତି : ଯୁବ କଂଗ୍ରେସ

ଭୁବନେଶ୍ୱର,୧୨/୯: ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଶ୍ରୀ ରଞ୍ଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏମସରେ ଚ଼ାକିରି ବିକିରି ଦୁର୍ନୀତି ପ୍ରସଙ୍ଗ ଉପରେ ଉପସ୍ଥାପନ କରିଥିଲେ । ଏମସ କର୍ତ୍ତୃପକ୍ଷ ଏବଂ ଉଚ୍ଚ଼ପଦସ୍ଥ ଅଧିକାରୀଙ୍କ ଜ୍ଞାତ ସାରରେ ଏମସରେ ଖୋଲମଖୁଲା ଚ଼ାକିରି ବିକିରି ହୋଇଥିବା ବେଳେ ଏହି ସାଂଘାତିକ ଦୁର୍ନୀତିକୁ ଏମସର ଉଚ୍ଚ଼ପଦସ୍ଥ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକର ନୀରବ ରହିବା ଦୁର୍ଭାଗ୍ୟଜନକ ।

ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି, ଭୁବନେଶ୍ୱର ଲୋକସଭାର କଂଗ୍ରେସ ପ୍ରାର୍ଥୀ ତଥା ପିସିସି ସାଧାରଣ ସମ୍ପାଦକ ଶ୍ରୀ ୟାସିର ନୱାଜ ଏହି ସାମ୍ବାଦିକ ସମ୍ମଳନୀରେ ଚ଼ାକିରି ବିକରି ଘଟଣାର ତଥ୍ୟ ଉପସ୍ଥାପନ କରି ଏହି ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ କଠୋର ଦଣ୍ଡ ଦିଆଯିବାକୁ ଦାବି କରିଥିଲେ ।

ବମ୍ବେ ଇଣ୍ଟିଗ୍ରେଟେଡ ସିକ୍ୟୁରିଟି ଲିମିଟେଡ (ବିଆଇଏସ୍) ନାମକ ଏକ ସଂସ୍ଥା ଏମ୍ସ ଠାରୁ ଟେଣ୍ଡର ହାସଲ କରି ହାଉସ୍‌କିପିଙ୍ଗ ଷ୍ଟାଫ ଓ ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ନିଯୁକ୍ତି କରିଛନ୍ତି । ଏହି ପ୍ରକ୍ରିୟାରେ ବିଆଇଏସ୍ ବହୁ ଗରିବ ଓ ନିରୀହ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବରେ ଲାଞ୍ଚ ନେଇଛନ୍ତି । ଏହି ନିଯୁକ୍ତି ପାଇଁ ଇଣ୍ଟର୍ଭ୍ୟୁ ହୋଇନାହିଁ କି ସେମାନଙ୍କର ଆବଶ୍ୟକୀୟ




ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇନାହିଁ । ହସ୍ପିଟାଲ ଆଟେଣ୍ଡାଣ୍ଟଙ୍କ ଠାରୁ ଜଣକା ପାଖାପାଖି ଅଇ ଲକ୍ଷ ଟଙ୍କା ଲାଞ୍ଚ ନିଆଯାଇଥିବାବେଳେ ହାଉସ୍‌କିପିଙ୍ଗ ଷ୍ଟାଫଙ୍କ ଠାରୁ ପାଖାପାଖି ୨ଲକ୍ଷ ଟଙ୍କା ନିଆଯାଇଥିବାର ଅଭିଯୋଗ ହୋଇଛି । ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ଭାବେ ଏବେ ନିକଟରେ ୭୦ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ସେହି ସମସ୍ତ ୭୦ଜଣଙ୍କ ଠାରୁ ଲାଞ୍ଚ ନିଆଯାଇଛି । ଏହା ପୂର୍ବରୁ ଏହି କମ୍ପାନୀ ମଧ୍ୟ ୨୦୦ ହାଉସ୍‌କିପିଙ୍ଗ ଷ୍ଟାଫ ଓ ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ନିଯୁକ୍ତି ଦେଇଛନ୍ତି । ଏଥିରେ ବ୍ୟାପକ ଲାଞ୍ଚ କାରବାର ହେବା ସହ ବିଆଇଏସ୍‌ର ବିଜୟ ବାରିକ, ଅସିତ ଦାସ ଏବଂ ସଞ୍ଜୁ ସିଂ ଏହି ତିନିଜଣ ଉଚ୍ଚ଼ପଦସ୍ଥ କର୍ମଚ଼ାରୀ ଅଟନ୍ତି । ସେମାନେ ଏମସ୍ କର୍ତ୍ତୃପକ୍ଷଙ୍କୁ ହାତ କରି ଏହି ଦୁର୍ନୀତି କରିବାକୁ ସକ୍ଷମ ହୋଇଛନ୍ତି ।

ଏମସ୍‌ର ଡାଇରେକ୍ଟର ଆଶୁତୋଷ ବିଶ୍ୱାସ, ଆସିଷ୍ଟାଣ୍ଡ ଆଡିମିନ୍‌ଷ୍ଟ୍ରେଟିଭ୍ ଅଫିସର ଏବଂ ମେଡିକାଲ ସୁପରଇନ୍‌ଟେଣ୍ଡଣ୍ଟଙ୍କ ଭୂମିକା ସନ୍ଦେହଜନକ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛନ୍ତି । ଏହିମାନଙ୍କ ପ୍ରତ୍ୟେକ ସହଯୋଗରେ ନିଯୁକ୍ତିରେ ବ୍ୟାପକ ଲାଞ୍ଚ କାରବାର ହୋଇଥିବାର ଅଭିଯୋଗ ହୋଇଛି ଏବଂ ଯେଉଁ ସାର୍ଟିଫିକେଟ ଦାଖଲ କରି ନିଯୁକ୍ତି ଦିଆଯାଇଛି ସେ ସାର୍ଟିଫିକେଟ ଜାଲ କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯାଇନାହିଁ । ଏଣୁ କୋଟି କୋଟି ଟଙ୍କାର ଲାଞ୍ଚ କାରବାରରେ ଏମାନେ ସଂପୃକ୍ତ ।

ଏଠାରେ ପ୍ରକାଶଥାଉକି ୨୦୨୫ ମସିହା ଅଗଷ୍ଟ ମାସରେ ଗ୍ରୁପ ବି ଏବଂ ଗ୍ରୁପ-ସି ନିଯୁକ୍ତିରେ ଜାଲ ପ୍ରମାଣ ପତ୍ର ବ୍ୟବହାର ହେବା ଘଟଣାକୁ ନେଇ ଜଣେ ଏମସ, ଭୁବନେଶ୍ୱର ଅଫିସର ଏବଂ ଅନ୍ୟ ୫ଜଣଙ୍କୁ ସିବିଆଇ ଗିରଫ କରିଥିଲା । ୨୦୨୩ ମସିହା ଜୁଲାଇ ମାସରେ କିଛି ପଦବୀର ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟା ଚ଼ାଲିଥିଲା ସେଥିରେ ଶିକ୍ଷାଗତ ଏବଂ କାର୍ଯ୍ୟ ଅଭିଜ୍ଞତାର ଜାଲ ସାର୍ଟିଫିକେଟ ଦିଆଯାଇଥିଲା । ସୁତରାଂ ଏମସ୍ ଭୁବନେଶ୍ୱରର ଚ଼ାକିରୀ ବିକ୍ରିୟ ଦାୟିତ୍ୱ ବିଆଇଏସ୍ ନେଇଛି । ଯଦି ୭ ଦିନ ମଧ୍ୟରେ ଏହାର ଉପଯୁକ୍ତ ତଦନ୍ତ ହୋଇ ଦୋଷୀମାନଙ୍କୁ ଗିରଫ କରି ଦଣ୍ଡ ଦିଆନଯାଏ ତେବେ ଯୁବ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସବଜାଣି ଅଜଣାର ଭୂମିକା କରୁଥିବା ଏବଂ ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବା ଭୁବନେଶ୍ୱର ସାଂସଦଙ୍କୁ ଘେରାଉ କରାଯିବାକୁ ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ସୁଦିପ ସାମଲ ଓ ଜାଭେଦ୍ ଅକ୍ତାର ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com
Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati